# ବାହୁ ଦେଖାଇ ବନ୍ଧାହେଲେ ବାଉନ୍ସର୍

ଭୁବନେଶ୍ୱର,୨୬ ।୧୨(ସମିସ):

ଜମିକୁ ନେଇ ଦୁଇ ସଂସ୍ଥା ଭିତରେ ଲାଗି ରହିଥିଲା ବିବାଦ। ବିବାଦୀୟ ଜମିକୁ ଦଖଲକୁ ନେଇ ଗୋଟିଏ ସଂସ୍ଥାକୁ ଦେବା ଲାଗି ଉଦ୍ୟମ କରୁଥିବା ଏକ ବାଉନ୍ସର୍‌ଙ୍କୁ କାବୁକରିଛି କମିସନରେଟ୍ ପୁଲିସ। ଜାଗା ପଜେସନ୍ ଗ୍ୟାଙ୍ଗ୍‌ରେ ସମ୍ପୃକ୍ତି ରହିଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଗାଡ଼କଣର ପ୍ରଦୀପ୍ତ ସାହୁ ଓରଫ ପଦିଆ, ପଟିଆର ଅଜିତ ମହାନ୍ତି, ରଶ୍ମିରଞ୍ଜନ ପରିଡ଼ା, ଅନ୍ଧାରୁଆର ସତ୍ୟବ୍ରତ ବେହେରା ଓରଫ ନଣ୍ଡା ଏବଂ ସମୀର ବାରିକ ଓରଫ ମୁନା। ଏହି ଘଟଣାରେ ସମ୍ପୃକ୍ତି ଅନ୍ୟ ବାଉନ୍ସର୍‌ଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସେହିପରି ଗ୍ୟାଙ୍ଗ୍‌ର ମୁଖିଆ ପଦିଆ ବିଭିନ୍ନ ସଂସ୍ଥାକୁ ବାଉନ୍ସର୍ ଯୋଗାଇଥାନ୍ତି। ତେଣୁ ନିଜ ଅକ୍ତିଆରରେ କିଛି ବାଉନ୍ସର୍ ରହୁଥିଲେ। ନିଜକୁ ଲୋକାଲ ଦାଦା କହି ଏମାନେ ଅନ୍ୟର ଜମିକୁ ଅକ୍ତିଆର କରୁଥିଲେ। ଜମି ପୋଜେସନ ଦେବା ନାଁରେ ଏହି ଗ୍ୟାଙ୍ଗ ଆତଙ୍କ ଖେଳାଇଥାନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି।



- ବିବାଦୀୟ ଜମି ଦଖଲକୁ ନେଉଥିବା ବେଳେ ଫସିଲେ
- ଗ୍ୟାଙ୍ଗର ମୁଖ୍ୟ ଷଡ଼ଯନ୍ତ୍ରକାରୀ ପଦିଆ ଗିରଫ

## ଜମି ଦଖଲ ଲାଗି ବାଉନ୍ସର୍ ନେଇଥାନ୍ତେ ୨୦ ଲକ୍ଷ

ଡମଣା ଛକ ନିକଟରେ ମାନସ ବେହେରାଙ୍କ ଭୂମି ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ୍ ଓ ଅଜିତ ମହାନ୍ତିଙ୍କ ଶୁଭମ୍ ଇନ୍‌ଫ୍ରା ପ୍ରୋଜେକ୍ଟ ଦୁଇଟି କନ୍‌ଷ୍ଟ୍ରକ୍ସନର୍ ସଂସ୍ଥାର କାର୍ଯ୍ୟାଳୟ ରହିଛି। ଶୁଭମ୍ କନ୍‌ଷ୍ଟ୍ରକ୍ସନର୍ ପଛପଟ ଓ ଭୂମି କନ୍‌ଷ୍ଟ୍ରକ୍ସନର ଆଗପଟରେ ଥିବା ୩୦ଫୁଟ୍ ଜାଗାକୁ ନେଇ ବିବାଦ ଲାଗି ରହିଥିଲା। ଏହି ଜାଗାଟି ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବାରୁ ପ୍ରାୟ ଦୁଇବର୍ଷ ହେବ ବିବାଦ ଲାଗି ରହିଥିଲା। ଏହି ବିବାଦୀୟ ଜମିକୁ ହାତେଇବା ଲାଗି ଅଜିତ୍ ବାଉନ୍ସର ଗ୍ୟାଙ୍ଗ୍‌ର ମୁଖିଆ ପଦିଆକୁ ଯୋଗାଯୋଗ କରିଥିଲା। ପରେ ଜମି ଦଖଲ ଲାଗି ବାଉନ୍ସର ଗ୍ୟାଙ୍ଗ୍ ୨୦ ଲକ୍ଷ ନେବେ ବୋଲି ଦାବି କରିଥିଲେ। ଏଥିରେ ଅଜିତ୍ ରାଜି ହେବା ସହ ବାଉନ୍ସରଙ୍କୁ ଆଗ୍ରୀମ ୫ଲକ୍ଷ ଟଙ୍କା ଦେଇଥିଲେ। ପରେ ଉକ୍ତ ଜମିକୁ ଦଖଲକୁ ନେବା ଲାଗି ବାଉନ୍ସର ଗ୍ୟାଙ୍ଗ ପ୍ରକ୍ରିୟା ଆରମ୍ଭ କରିଥିଲେ। ଗ୍ୟାଙ୍ଗ୍‌ର ମୁଖ୍ୟ ପଦିଆ କହିବା ପରେ ପୂରା ଯୋଜନା ପ୍ରସ୍ତୁତ ହୋଇଥିଲା। ଗତ ୨ତାରିଖ ରାତିରେ ପଦିଆ ଓ ସହଯୋଗୀ ବାଉନ୍ସରଙ୍କୁ ନେଇ ଜାଗା ନିକଟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଥିବା ସଂସ୍ଥାର ମାଲିକ ମାନସ, ସୁରକ୍ଷାକର୍ମୀ ଓ ଅନ୍ୟ କର୍ମଚାରୀଙ୍କୁ ବାଉନ୍ସର ଗ୍ୟାଙ୍ଗ୍‌ର ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଏପରିକି ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ବନ୍ଧୁକ ମୁନରେ ଭୟଭୀତ କରାଇଥିଲେ। ରାତି ଅଧରେ ଗାଳିଗୁଲଜ କରି ଆତଙ୍କ ଖେଳାଇବା ପରେ ଜମିକୁ ତୁରନ୍ତ ଛାଡିବାକୁ ଧମକ ଦେଇଥିଲେ। ଏନେଇ ମାନସ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗିରଫ କରିଥିଲା।

## 'ଆମେ ଲୋକାଲ ଦାଦା'

ଭୁବନେଶ୍ୱରରେ ଜମି କିମ୍ବା ଜାଗା ଥିଲେ, କେହି ଏହି ଗ୍ୟାଙ୍ଗ୍‌କୁ ଲଗାଇ ନିଜ ଅକ୍ତିଆରକୁ ନେବାକୁ ଉଦ୍ୟମ କରିଥାନ୍ତି। ଗ୍ୟାଙ୍ଗ୍‌ର ସଦସ୍ୟମାନେ ଲୋକାଲ ଦାଦା ଓ ବାହୁବଳୀର ପରିଚୟ ଦେଇଥାନ୍ତି। ନିଜକୁ ପାୱାରଫୁଲ ଦର୍ଶାଇ ଜମି କବ୍‌ଜା କରିବାକୁ ସମସ୍ତଙ୍କ ମନରେ ଆତଙ୍କ ସୃଷ୍ଟି କରିଥାନ୍ତି। ଏପରିକି ସୁଧ କାରବାର ଓ ଅନ୍ୟାନ୍ୟ ଅପରାଧିକ ଷଡ଼ଯନ୍ତ୍ରରେ ଏମାନଙ୍କ ସମ୍ପୃକ୍ତି ରହିଛି। ଏହି ଜମିକୁ ଅକ୍ତିଆର ଲାଗି ବାଉନ୍ସର୍‌ଙ୍କ ପିଛା ୧୦ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା। ତେବେ ରାଜଧାନୀରେ ମୁକୁଳା ଓ ବିବାଦୀୟ ଜମିକୁ ମାଡ଼ିବସି ପଜେସନ୍ ଦେବା ନୂଆ କଥା ନୁହେଁ। ଗତ ମାର୍ଚ୍ଚ ମାସରେ ନୂଆପଲ୍ଲୀ ଥାନା ପୁଲିସ ଏକ ଜମି ପଜେସନ ଗ୍ୟାଙ୍ଗକୁ କାବୁ କରିଥିଲା।

## ଜମି ଦଖଲରେ ୬ ଗ୍ୟାଙ୍ଗ୍

ବହୁଦିନ ପଡ଼ି ରହିଥିବା ଜମି କିମ୍ବା ବିବାଦୀୟ ଜମିକୁ ଅକ୍ତିଆର କରିବା ଲାଗି କାମ କରୁଛି 'ଜାଗା ପଜେସନ' ଗ୍ୟାଙ୍ଗ। ଜମିକୁ ଦଖଲ କରିବା ସହ ଅନ୍ୟ କାହାକୁ ବିକ୍ରି କରିବା ଲାଗି ପ୍ରକୃତ ମାଲିକଙ୍କୁ ଦିଆଯାଉଛି ଧମକ। ଟଙ୍କା ନ ଦେଲେ ପ୍ରକୃତ ମାଲିକ ଜମିର ଅଧିକାର ହରାଇବେ ବୋଲି ଡରାଉଛନ୍ତି। ସହରରେ ଏଭଳି ୬ଟି ଗ୍ୟାଙ୍ଗ୍ ସକ୍ରିୟ ରହିଛନ୍ତି। ବିଶେଷକରି ଏଥିରେ ବାଉନ୍ସର୍‌ଙ୍କ ସମ୍ପୃକ୍ତି ରହିଛି। ବାହୁବଳି ଦେଖାଇବା ସହ ଜମି ମାଲିକଙ୍କୁ ଭୟଭୀତ କରୁଛନ୍ତି। ଏମିତିକି ସେମାନଙ୍କ ପୁଲିସ କିଛି କରିପାରିବନି କହି ଭୟଭୀତ କରୁଛନ୍ତି। ଉପକଣ୍ଠ ଠାରୁ ଉପାନ୍ତ ଥାନା ଯାଏଁ ଥିବା ସମସ୍ତ ଜମିବାଡ଼ି ଘଟଣାରେ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହୁଛି।

# କଳିଙ୍ଗନଗର ପୁଲିସ ଫାଣ୍ଡି ଉଦ୍‌ଘାଟିତ



ଭୁବନେଶ୍ୱର,୨୬।୧୨(ସମିସ): କମିସନରେଟ୍ ପୁଲିସ୍ ପକ୍ଷରୁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) କ୍ୟାମ୍ପସ୍-୨ ନିକଟରେ କଳିଙ୍ଗନଗର ପୁଲିସ ଫାଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଦ୍ୱୈତ ନଗରୀର ପୁଲିସ କମିସନର୍ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଏହି ଫାଣ୍ଡିର ଉଦ୍‌ଘାଟନ କରିଥିବା ବେଳେ ଆଡିସ୍‌ନାଲ୍ କମିସନର ଅଫ୍ ପୁଲିସ ବ୍ରିଜେଶ୍ କୁମାର ରାୟ, ଡିସିପି ପ୍ରତୀକ ସିଂ ଓ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡ.) ମନୋଜରଞ୍ଜନ ନାୟକ ଉପସ୍ଥିତ ଥିଲେ। ଏହି ଅଞ୍ଚଳରେ ଉଭୟ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଓ ସମ୍ ଅଲ୍ଟିମେଟ୍ ମେଡିକେୟାର ରହିଛି। ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ରୋଗୀ ଏହି ଦୁଇ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ଏହି ପୁଲିସ ଫାଣ୍ଡି ସ୍ଥାପନ କରାଯାଇଛି ବୋଲି କମିସନର୍ ଶ୍ରୀ ପ୍ରିୟଦର୍ଶୀ କହିଥିଲେ। ଭରତପୁର ଥାନା ଅଧୀନରେ ଏହି ଫାଣ୍ଡିଟି କାର୍ଯ୍ୟ କରିବ। ଏଠାରେ ଦୁଇଜଣ ଅଫିସର୍ ଓ ୬ରୁ ୮ ଜଣ କନେଷ୍ଟବଳ ରହିବେ। ଏହାସହିତ ଗୋଟିଏ ପୁଲିସ୍ ଭ୍ୟାନ୍ ଯୋଗାଇ ଦିଆଯିବ। କଳିଙ୍ଗନଗର ଓ କଳିଙ୍ଗ ବିହାର ଅଞ୍ଚଳରେ ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଓ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଫାଣ୍ଡି ଆରମ୍ଭ କରାଯାଇଥିବା ମଧ୍ୟ କହିଛନ୍ତି ଶ୍ରୀ ପ୍ରିୟଦର୍ଶୀ। ଏଥିସହିତ ଫାଣ୍ଡିର ପ୍ରତିଷ୍ଠା ନେଇ ଆବଶ୍ୟକ ଭିତ୍ତିଭୂମି ନିମନ୍ତେ ସୋଆ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିବାରୁ ବିଶ୍ୱବିଦ୍ୟାଳୟ ଓ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଦୀପ ନିଆଁରେ ଗୁରୁତର ବୃଦ୍ଧା ମୃତ

ଯାଁଳା,୨୬ ।୧୨(ସମିସ): ରାଜଧାନୀ ଉପକଣ୍ଠ ଇନ୍‌ଫୋସିଟି ଥାନା ତଳଖେତା ଛକ ନିକଟ ରାଧାଚରଣପୁର ଗ୍ରାମରେ ସଞ୍ଜବତିରେ ପୋଡ଼ି ହୋଇ ଗୁରୁତର ଥିବା ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ଯାଁଳା ପଞ୍ଚାୟତ ଜଟଣୀ ଗେଟ୍ ନିକଟ ରାଧାଚରଣପୁରର ନାରାୟଣ ସାମନ୍ତରାୟଙ୍କ ସ୍ତ୍ରୀ ସଞ୍ଜଳା (୭୩) ଠାକୁର ଘରେ ଦୀପ ଲଗାଉଥିବାବେଳେ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ଏଥିରେ ସେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ତେବେ ମଙ୍ଗଳବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି।

# ହୋଟେଲ ରୁମ୍‌ରେ ଯୁବକଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୬ ।୧୨(ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଥିବା ହୋଟେଲର ଏକ ରୁମ୍ ଭିତରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଯୁବକ ହେଲେ କେନ୍ଦ୍ରାପଡ଼ାର ଦେବାଶିଷ ମିଶ୍ର (୨୯)। ଘଟଣାସ୍ଥଳରେ ନୂଆପଲ୍ଲୀ ଥାନା ପୁଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପୁଲିସର କହିବା ଅନୁଯାୟୀ, ଦେବାଶିଷ ପୁରୀର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଗତ ୨୪ ତାରିଖରେ ଭୁବନେଶ୍ୱର ନୂଆପଲ୍ଲୀ ଅନ୍ନପୂର୍ଣ୍ଣା ହୋଟେଲର ଏକ ରୁମ୍ ବୁକ୍ କରି ରହିଥିଲେ। ଗତକାଲି ଦିନସାରା ହୋଟେଲ୍ ରୁମ୍‌ରୁ ପଦାକୁ ବାହାରି ନ ଥିଲେ। ଆଜି ହୋଟେଲ୍ କର୍ମଚାରୀ ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ହୋଟେଲ ରୁମ୍‌ର କବାଟର ତାଲା ଭାଙ୍ଗି ଦେବାଶିଷ୍‌ଙ୍କ ମୃତଦେହ ଜବତ କରିଥିଲା। ଦେବାଶିଷ୍ ବେକରେ ଗାମୁଛା ଲଗାଇ ହୋଟେଲ୍ ରୁମ୍‌ରେ ଥିବା ଫ୍ୟାନରେ ଝୁଲିପଡ଼ିଥିଲେ। ଗତକାଲି ଦେବାଶିଷ୍ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ତେବେ ଆତ୍ମହତ୍ୟା ପଛର ରହସ୍ୟ କ'ଣ ରହିଛି, ସେଦିଗରେ ତଦନ୍ତ କରାଯାଉଛି।

# ଜାଲ୍ ଦସ୍ତଖତରେ ପୂର୍ବତନ ଯୁଗ୍ମ ସଚିବଙ୍କ ଜମି ବିକ୍ରି

ଭୁବନେଶ୍ୱର,୨୬।୧୨(ସମିସ): ଜାଲିଆତି କରି ପୂର୍ବତନ ଯୁଗ୍ମ ସଚିବ ଅନିଲ ଚନ୍ଦ୍ର ପଟ୍ଟନାୟକଙ୍କ ଜମିକୁ ବିକ୍ରିକରି ଦେଇଛନ୍ତି ଦୁର୍ବୃତ୍ତ। ଏ ନେଇ ସେ ବଡଗଡ଼ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ୧୯୯୭ ମସିହାରେ ପ୍ଲଟ୍ ନଂ-୧୫୦/୨୫୪୯କୁ କିଣିଥିଲେ। କିନ୍ତୁ କୋଭିଡ୍ ସମୟରେ ସେ ଅବସର ନେଇଥିଲେ। ପରେ ସେ ଜାଗାରେ କିଛି ଘର କରିବାକୁ ଯୋଜନା କରିଥିଲେ। କିନ୍ତୁ ସେଠାକୁ ଯିବା ପରେ ଅନ୍ୟ ଜଣେ ଲୋକ ତାଙ୍କୁ ବିରୋଧ କରିଥିଲେ। ସେ ଯାଞ୍ଚ କରିବା ପରେ ତାଙ୍କ ନାମରେ ଥିବା ଜମିକୁ କେହି ଜାଲିଆତି କରି ବିକ୍ରିକରି ଦେଇଛନ୍ତି। ନକଲି ଆଧାର କାର୍ଡ, ଦସ୍ତଖତ କରି ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ବିକ୍ରି କରି ଦେଇଛନ୍ତି। ତେଣୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ତୋଷାଳି ମେଳାରେ ୩୦ କୋଟିର କାରବାର

ଭୁବନେଶ୍ୱର,୨୬।୧୨(ସମିସ): ଭୁବନେଶ୍ୱର ଜନତା ମଇଦାନରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଚାଲିଥିବା '୧୮ ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଡିସେମ୍ବର ୧୫ରୁ ଆରମ୍ଭ ହୋଇଥିବା ଏହି ଜାତୀୟସ୍ତରୀୟ ମେଳାରେ ୩୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ଆକଳନ କରାଯାଇଛି। ଚଳିତବର୍ଷ ମେଳାରେ ଜିଆଇ ମାନ୍ୟତା ପାଇଥିବା ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ଜିନିଷ ସହିତ ଜନଜାତି କଳାକୃତି ପ୍ରମୁଖ ଆକର୍ଷଣ ପାଲଟିଥିଲା। ୧୨ଦିନ ଧରି ଚାଲିଥିବା ଏହି ମେଳାକୁ ୨୫ ଲକ୍ଷରୁ ଅଧିକ ଲୋକ ଆସିଥିବା ଆକଳନ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଯୋଗ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ତ୍ରିପୁରାର ପୂର୍ବତନ ମୁଖ୍ୟ ଶାସନ ସଚିବ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷ ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ଆକର୍ଷଣ ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ସୋନାଲି ମହାପାତ୍ର। ତାଙ୍କ ନେତୃତ୍ୱରେ ସାଥୀ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ। ସେହିପରି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ବିଭିନ୍ନ ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟର (ସିସିଆଇ) ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।

# ଜାନୁଆରୀ ୬ରୁ 'ଶିଶିର ସରସ'

ଭୁବନେଶ୍ୱର,୨୬।୧୨(ସମିସ): ଆସନ୍ତା ଜାନୁଆରୀ ୬ ତାରିଖରୁ ବରମୁଣ୍ଡା ପଡ଼ିଆରେ ଆୟୋଜିତ ହେବ 'ଜାତୀୟ ଗ୍ରାମୀଣ ହସ୍ତଶିଳ୍ପ ସାମଗ୍ରୀର ମେଳା 'ଶିଶିର ସରସ-୨୦୨୪'। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓର୍‌ମାସ ଦ୍ୱାରା ଆୟୋଜିତ ଏହି ମେଳାରେ ମିଶନ ଶକ୍ତି, ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ସହ ଅନ୍ୟ ବିଭାଗୀୟ ସଂସ୍ଥା ସହଯୋଗ କରିବେ ବୋଲି ମଙ୍ଗଳବାର ସ୍ଥାନୀୟ ଏସ୍‌ଆଇଆର୍‌ଡି ପରିସରସ୍ଥ ମନରେଗା ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନସଚିବ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ୬ରୁ ୧୫ ତାରିଖ ଯାଏ ଚାଲିବାକୁ ଥିବା ଏହି ମେଳାରେ ୩୦ଟି ଜିଲ୍ଲାର ମହିଳା ଏସ୍‌ଏଚ୍‌ଜି, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଉଦ୍ୟୋଗୀମାନଙ୍କ ସହିତ ୨୬ଟି ରାଜ୍ୟର ମହିଳା ଏସ୍‌ଏଚ୍‌ଜି, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ଉଦ୍ୟୋଗୀମାନଙ୍କ ହାତ ତିଆରି ସାମଗ୍ରୀ ବିଭିନ୍ନ ଷ୍ଟଲରେ ବିକ୍ରି ହେବ। ଏହି ବୈଠକରେ ଓରମାସର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପୁନମ୍ ଟି ଗୁହା, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର ମୀନାଙ୍କ ସମେତ ଭୁବନେଶ୍ୱର ପୁଲିସ, ଟ୍ରାଫିକ୍ ପୁଲିସ, ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀ, ବିଏମ୍‌ସି, ବିଡିଏ, ୱାଟ୍‌କୋ, ସ୍ୱାସ୍ଥ୍ୟବିଭାଗ, ଏସ୍‌ଏସ୍‌ଇପିଡି, ଟ୍ରାଇଫେଡ୍, ସଂସ୍କୃତି ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ ଏବଂ ଘରୋଇ ବ୍ୟାଙ୍କିଂ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟ୍ରେନ୍‌ରୁ ଡକାୟତି ଯୋଜନା; ୪ ଗିରଫ

ଭୁବନେଶ୍ୱର,୨୬।୧୨(ସମିସ): ଚଳନ୍ତା ଟ୍ରେନ୍‌ରୁ ଡକାୟତି କରିବା ପାଇଁ ଯୋଜନା କରିଥିବା ଏକ ଗ୍ୟାଙ୍ଗ୍‌ର ୪ଜଣ ସଦସ୍ୟଙ୍କୁ କାବୁକରିଛି ଆରପିଏଫ୍। ସେମାନଙ୍କୁ କାବୁ କରିବା ପରେ ଜିଆରପି ଥାନାକୁ ହସ୍ତାନ୍ତର କରିବା ପରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ନିକଟରୁ ସୁନା ଗହଣା, ମୋବାଇଲ୍ ଫୋନ୍, ଲଙ୍କା ପାଉଡର, ମଙ୍କି କ୍ୟାପ୍ ଏବଂ ମାରଣାସ୍ତ୍ର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋଦିପଡ଼ାର ମୁନା ବାଗ୍, ମଇଁଶିଖାଲ ବସ୍ତିର କିଶୋର ଲେଙ୍କା, ତାଳଚେରର ସନ୍ତୋଷ ଦାସ ଏବଂ ଶାନ୍ତିନଗରର ଏସ୍.କେ ହବିବୁଲା। ଏହି ଗ୍ୟାଙ୍ଗ୍ ବିଭିନ୍ନ ଚଳନ୍ତା ଟ୍ରେନ୍‌କୁ ଡକାୟତି କରନ୍ତି। ସେମାନଙ୍କ ନାମରେ ଜିଆର୍‌ପି ଥାନାରେ ମାମଲା ରହିଛି। ସେମାନେ ଭୁବନେଶ୍ୱର ଷ୍ଟେସନରୁ ଲିଙ୍ଗରାଜ ଷ୍ଟେସନ ମଧ୍ୟରେ ଥିବା ଏକ ଅନ୍ଧାରୁଆ ସ୍ଥାନରେ ବସି ଡକାୟତି ପାଇଁ ଯୋଜନା କରୁଥିଲେ। ଲିଙ୍ଗରାଜ ଷ୍ଟେସନରେ ଡ୍ୟୁଟି କରୁଥିବା ଆର୍‌ପିଏଫ୍ ଏସ୍‌ଆଇ ଖବର ପାଇ ତୁରନ୍ତ ଅନ୍ୟ ଷ୍ଟାଫ୍‌ଙ୍କୁ ଜଣାଇଥିଲେ। ଜିଆର୍‌ପି ଏବଂ ଆର୍‌ପିଏଫ୍ ଟିମ ସେଠାରେ ଚଢ଼ଉ କରି ୪ଜଣଙ୍କୁ କାବୁ କରିଥିବା ବେଳେ ଆଉ ୩ଜଣ ଫେରାର ହୋଇଯାଇଥିଲେ।

# ମାରପିଟ୍ କରି ଦୁଇ ମହିଳା ଗିରଫ

ଭୁବନେଶ୍ୱର,୨୬ ।୧୨(ସମିସ): ଘର ବାରଣ୍ଡାରେ ପରିସ୍ରା କରିବାକୁ ନେଇ ମାରପିଟ୍ ମାମଲାରେ ଦୁଇଜଣ ମହିଳାଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ସେମାନେ ହେଲେ ସୁନିତା ହାସଁଦା ଓ ଦୁଲାରୀ ମୁର୍ମୁ। ତମାଣ୍ଡୋ ସିଜୁପଟ ଅଞ୍ଚଳରେ ଥିବା ଦୁଇ ପରିବାର ମଧ୍ୟରେ ବିବାଦରୁ ମାରପିଟ୍ ଲାଗିଥିଲା। ଏଥିରେ ସମ୍ପୃକ୍ତ ରହିଥିବା ଦୁଇ ମହିଳାଙ୍କୁ ଗିରଫ କରାଯାଇଛି।

■ ଜିରୋ ନାଇଟ୍ ପାଳନ ପାଇଁ ପୁଲିସର ୧୨ସୂତ୍ରୀ ମାର୍ଗଦର୍ଶିକା

# ସାଢ଼େ ୧୨ ପର୍ଯ୍ୟନ୍ତ ବାର୍ ଖୋଲା

ଭୁବନେଶ୍ୱର,୨୬।୧୨(ସମିସ): ନୂଆବର୍ଷ ୨୦୨୪କୁ ସ୍ୱାଗତ ପାଇଁ ହୋଟେଲ ସହ କ୍ଲବ୍, ରେଷ୍ଟୁରାଣ୍ଟ ସବୁଆଡ଼େ ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ଜୋରଦାର ପ୍ରସ୍ତୁତି କରାଯାଉଛି। ଏହାକୁ ନଜରରେ ରଖି କମିସନରେଟ୍ ପୁଲିସ ୧୨ ସୂତ୍ରୀ ଗାଇଡ୍‌ଲାଇନ୍ ଜାରି କରିଛି। ଏହି ଗାଇଡ୍ ଲାଇନ୍‌କୁ ମାନି ସହରବାସୀ ଜିରୋ ନାଇଟ୍ ସେଲିବ୍ରେସନ୍ କରିପାରିବେ। ରାତି ୧୨.୩୦ ଯାଏ ହୋଟେଲ୍ ଓ ବାର୍ ଖୋଲିପାରିବେ। କିନ୍ତୁ ରାତି ସାରା ମଦ ପିଇ ପାରିବେ ନାହିଁ। ଆଉ ଅଧିକ ସମୟ ପାଇଁ ଖୋଲିବାକୁ ହେଲେ ସ୍ୱତନ୍ତ୍ର ଅନୁମତି ଦରକାର। ଯେଉଁମାନେ ଅନୁମତି ନଆଣି ବାର୍ ଖୋଲିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟ୍ରାଫିକ୍ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ଡିସିପିଙ୍କ ସମେତ ଅବକାରୀ ବିଭାଗର ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ, ଅବକାରୀ ଇନ୍ସପେକ୍ଟର ଏବଂ ଭୁବନେଶ୍ୱରର ସମସ୍ତ ହୋଟେଲ ଓ ବାର୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆଗକୁ ଜିରୋ ନାଇଟ ପାଳନ ନିମନ୍ତେ ନିର୍ଦ୍ଦେଶାବଳୀ ଉପରେ ଆଲୋଚନା କରାଯାଇଥିଲା। ଏହାକୁ ମାନିବାକୁ ହୋଟେଲ୍, ବାର୍ ଆଦିଙ୍କୁ କୁହାଯାଇଛି।

ଏହି ମାର୍ଗଦର୍ଶିକାଗୁଡ଼ିକ ହେଲା, ଆୟୋଜକ ସଂସ୍ଥାଗୁଡ଼ିକୁ ସଂଗୀତ କାର୍ଯ୍ୟକ୍ରମ ପାଇଁ ଦିଆଯାଇଥିବା ତାରିଖ ଏବଂ ସମୟ ସୀମାକୁ ସେମାନେ କଡ଼ାକଡ଼ି ଭାବରେ ପାଳନ କରିବେ। ସଂଗୀତ କାର୍ଯ୍ୟକ୍ରମ କରିବାକୁ ଥିଲେ ଲାଉଡ୍‌ସ୍ପିକର ନିୟମକୁ କଡ଼ାକଡ଼ି ପାଳନ କରିବେ। କୋର୍ଟଙ୍କ ନିୟମ ଅନୁସାରେ ୬୫ ଡେସିବଲ୍ ପର୍ଯ୍ୟନ୍ତ ଶବ୍ଦ ବଜାଇ ପାରିବେ। ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା ଓ କୋର୍ଟ ଆଦି ନିରବ ଅଞ୍ଚଳର ୧୦୦ମିଟର ପରିସୀମା ମଧ୍ୟରେ କୌଣସି ପ୍ରକାରର ସଙ୍ଗୀତ କାର୍ଯ୍ୟକ୍ରମ ଓ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇ ପାରିବ ନାହିଁ। ଆୟୋଜକ ସଂସ୍ଥା ଇକୋ ସାଉଣ୍ଡ ସିଷ୍ଟମ ବ୍ୟବହାର କରିବା ଠାରୁ ଦୂରେଇ ରହିବେ। ବରିଷ୍ଠ ନାଗରିକ, ଅସୁସ୍ଥ ବ୍ୟକ୍ତି ଏବଂ ଛାତ୍ରମାନଙ୍କୁ ବିରକ୍ତ ନକରିବାକୁ ପଦକ୍ଷେପ ନେବେ। ଆବଦ୍ଧ ପରିସରରେ ଆୟୋଜକ ସଂସ୍ଥା ଭିଡ଼ ସମାବେଶ, ଦଳାଚକଟା ଇତ୍ୟାଦିକୁ ଏଡ଼ାଇବା ଓ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପ୍ରବେଶ ଏବଂ ପ୍ରସ୍ଥାନ ପଥ ରଖିବେ। ଆୟୋଜକ ସଂସ୍ଥା କାର୍ଯ୍ୟକ୍ରମ ସମୟରେ କୌଣସି ଅଶ୍ଳୀଳତା, କିମ୍ବା ଶରୀରର ଅନୈତିକ ପ୍ରଦର୍ଶନ ଯେପରି ନହୁଏ ସେଥିପ୍ରତି ଧ୍ୟାନ ଦେବେ। ଆୟୋଜକ ସଂସ୍ଥାମାନେ ଅଗ୍ନି ନିର୍ବାପକ ଯନ୍ତ୍ର, ବାଲି ବାଲ୍ଟି ଇତ୍ୟାଦି ଉପଲବ୍ଧତା ସହିତ ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବେ। ଆୟୋଜକ ସଂସ୍ଥା ସଭାସ୍ଥଳରେ ଟ୍ରାଫିକ୍ ନିୟନ୍ତ୍ରଣ, ଯାନବାହନ ପାର୍କିଂ ଏବଂ ଭିତରର ରକ୍ଷଣାବେକ୍ଷଣ କ୍ରମାଙ୍କ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ସୁରକ୍ଷା କର୍ମୀ ନିୟୋଜିତ କରାଇବେ। ଆୟୋଜକ ସଂସ୍ଥାମାନେ ବିଦ୍ୟୁତ ସରବରାହ ସମୟରେ ବୈଦ୍ୟୁତିକ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବେ। ଆୟୋଜକ ସଂସ୍ଥାମାନେ, ପ୍ରବେଶ, ପ୍ରସ୍ଥାନ ଏବଂ ସମାବେଶସ୍ଥଳୀରେ ସିସିଟିଭି ଲଗାଇବେ। ଏହି ସବୁ ସ୍ଥାନ ଗୁଡ଼ିକରେ ଯେପରି ସମସ୍ତ କାର୍ଯ୍ୟର ରେକର୍ଡିଂ ହୋଇପାରୁଥିବ ସେଥିପ୍ରତି ନିଶ୍ଚିତ କରାଇବେ। ଡ୍ରାଇଭିଂ ପାଇଁ ଅସମର୍ଥ ବ୍ୟକ୍ତି ଯେପରି ସୁରକ୍ଷିତ ଭାବରେ ଘରକୁ ଫେରିବେ, ଆୟୋଜକ ସଂସ୍ଥାଗୁଡ଼ିକ ଏହି ପରି ଜରୁରୀ ପରିସ୍ଥିତି ପାଇଁ ସେମାନଙ୍କର ପାଞ୍ଚ ଜଣ ଡ୍ରାଇଭର ସଂରକ୍ଷିତ ରଖିବେ। ଆୟୋଜକ ସଂସ୍ଥା ମାନେ କାର୍ଯ୍ୟକ୍ରମ ସମୟରେ ଯେ କୌଣସି ଜରୁରିକାଳୀନ ପରିସ୍ଥିତି ଏଡ଼ାଇବା ପାଇଁ ମେଡିକାଲ୍ ଟିମ୍ ସହିତ ଆମ୍ବୁଲାନ୍ସ ରଖିବେ।

- ହସ୍ପିଟାଲ, ସ୍କୁଲ, କୋର୍ଟର ୧୦୦ ମିଟର ଭିତରେ ସାଉଣ୍ଡ ବ୍ୟାନ୍
- କାର୍ଯ୍ୟକ୍ରମ ସମୟରେ ଅଶ୍ଳୀଳ ପ୍ରଦର୍ଶନକୁ ବାରଣ
- ହୋଟେଲ ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ଲାଗିବ ସିସିଟିଭି

## ଆତ୍ମନିର୍ଭରଶୀଳ ହେବେ କାରାଗାର ଅନ୍ତେବାସୀ

# ଝାରପଡ଼ା ଜେଲ୍‌ରେ ରାଜ୍ୟର ପ୍ରଥମ ବେକେରୀ ୟୁନିଟ୍

ଭୁବନେଶ୍ୱର,୨୬ ।୧୨(ସମିସ):

ସ୍ୱଚ୍ଛଳ ହେବ କାରାଗାର ଅନ୍ତେବାସୀଙ୍କ ଆର୍ଥିକ ସ୍ଥିତି। ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ଲାଗି ସାଜିବେ ପ୍ରେରଣା। ଜେଲରେ ରହୁଥିବା ଅନ୍ତେବାସୀଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଆଉ ପାଦେ ଆଗେଇଛି ଜେଲ୍ ବିଭାଗ। ଜେଲ୍‌ରୁ ମୁକୁଳିବା ପରେ ଆଉ ଯେମିତି ଅପରାଧ ଦୁନିଆରେ ପାଦ ନ ଦେଇ ଆତ୍ମନିର୍ଭରଶୀଳ ହେବେ ସେ ନେଇ ସେମାନଙ୍କୁ ବିଭିନ୍ନ ରୋଜଗାର କୌଶଳ ତାଲିମ ଦିଆଯାଉଛି।

ଝାରପଡ଼ା ଜେଲ୍‌ରେ ରାଜ୍ୟର ପ୍ରଥମ ବେକାରୀ ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି। ଜେଲରେ ରହୁଥିବା ୩୦ଜଣ ଅନ୍ତେବାସୀଙ୍କୁ ପାଉରୁଟି, କେକ୍, ବିସ୍କୁଟ ଓ ସାଣ୍ଡୁଇଚ୍ ଆଦି ପ୍ରସ୍ତୁତି ପ୍ରଣାଳୀର ତାଲିମ୍ ଦିଆଯାଇଛି। ଏପରିକି ଜନ୍ମଦିନ କେକ୍ ପ୍ରସ୍ତୁତି କରିବାର କୌଶଳ ପ୍ରଶିକ୍ଷଣ ଦିଆଯିବ। ଦୁଇ ସପ୍ତାହ ଧରି ଏକ ସଂସ୍ଥା ପକ୍ଷରୁ ୩୦ଜଣ ଅନ୍ତେବାସୀଙ୍କୁ ତାଲିମ୍ ଦିଆଯାଉଛି। ଏବେ ଝାରପଡ଼ା ଜେଲରୁ ପ୍ରସ୍ତୁତ ହେଉଥିବା ପାଉରୁଟି ଓ କେକ୍‌ଗୁଡ଼ିକୁ ଅନ୍ତେବାସୀଙ୍କୁ ଖାଇବାକୁ ଦିଆଯାଉଛି। ପରବର୍ତ୍ତୀ ସମୟରେ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ କେକ୍ ଆଦି ବାହାରେ ସର୍ବସାଧାରଣଙ୍କ ଲାଗି ଖୋଲାଯାଇଥିବା ଷ୍ଟଲରେ ବିକ୍ରିବଟା କରାଯିବ।

ସେହିପରି ଜନ୍ମଦିନ କେକ୍ ପ୍ରସ୍ତୁତି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଜନ୍ମଦିନ କେକ୍‌ର ଚାହିଦା ବଢ଼ୁଥିବାରୁ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତି କେକ୍‌କୁ ଭୁବନେଶ୍ୱରରେ ବିକ୍ରି କରାଯିବ। ପ୍ରଥମ ପର୍ଯ୍ୟାୟରେ ମହିଳା ଓ ପୁରୁଷଙ୍କୁ ମିଶାଇ ୩୦ ଅନ୍ତେବାସୀ ପ୍ରସ୍ତୁତି ଶିଖିବା ପରେ ଅନ୍ୟମାନଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ଦିଆଯିବ। ଝାରପଡ଼ା ଜେଲରେ ଏହି ବେକେରୀ ୟୁନିଟ୍ ସଫଳ ହେବା ପରେ ରାଜ୍ୟର ଚୌଦ୍ୱାର ଓ ଅନ୍ୟ ଜେଲ୍‌ର ଅନ୍ତେବାସୀଙ୍କୁ ତାଲିମ ଦିଆଯିବ ବୋଲି ବିଶେଷସୂତ୍ରରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ଜେଲ୍ ମାନୁଆଲ ବଦଳିବା ପରେ କଏଦୀଙ୍କ ସ୍ୱାବଲମ୍ବୀ କରିବା ଉପରେ ଜେଲ୍ ବିଭାଗ ଅଧିକ ଗୁରୁତ୍ୱ ଦେଉଛି। '୫-ଟି' ଯୋଡ଼ି ହେବା ପରେ ଜେଲ୍ ସଂସ୍କାର ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇଛି। ଅନ୍ତେବାସୀଙ୍କ ଇଡ୍‌ଲି, ଉପମା, ଚକୁଳି, ବରା ଓ ଦୋସା ଓ ମାଳପୁଆ ପ୍ରସ୍ତୁତ କରି ବିକ୍ରିବଟା କରାଯାଉଛି। ସେଭଳି ଜେଲ୍‌ରେ ହଳଦୀ, ଅଟା, ବେସନ ଓ ମୁଢ଼ି ଆଦି ବିକ୍ରି କରାଯାଉଛି। ଏଥିଲାଗି ଝାରପଡ଼ା ଜେଲକୁ ପ୍ରସ୍ତୁତ କରାଯାଉଥିବା ଖାଇବା ସାମଗ୍ରୀର ଗୁଣବତ୍ତା ଓ ସୁରକ୍ଷା ପ୍ରମାଣପତ୍ର (ଏଫ୍‌ଏସ୍‌ଏସ୍‌ଏଆଇ) ମଧ୍ୟ ମିଳିଛି।

### ଜନ୍ମଦିନ କେକ୍ ପ୍ରସ୍ତୁତ କରିବେ କଏଦୀ









ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ ନେଇ ଆସିଥିବା ସେବାୟତମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନିମନ୍ତ୍ରଣ କରୁଛନ୍ତି

'ପରିକ୍ରମା' ନିମନ୍ତ୍ରଣ

# ସଂକୀର୍ତ୍ତନରେ କମ୍ପିଲା ଏକାମ୍ରକ୍ଷେତ୍ର

**ଭୁବନେଶ୍ୱର, ୨୬।୧୨(ସମିସ):** ଆସନ୍ତା ଜାନୁଆରୀ ୧୭ରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ଶ୍ରୀମନ୍ଦିରର ପରିଚାଳନା କମିଟିର ସଦସ୍ୟ, ବରିଷ୍ଠ ସେବାୟତ ଓ ପ୍ରଶାସକମାନେ ଆସି ଏକାମ୍ର କ୍ଷେତ୍ରରୁ ଦିଅଁବରଣ ଆରମ୍ଭ କରିଛନ୍ତି। ଏହି କ୍ଷେତ୍ରର ଅଧିଷ୍ଠାତା ମହାପ୍ରଭୁ ଲିଙ୍ଗରାଜଙ୍କୁ ପ୍ରଥମେ ନିମନ୍ତ୍ରଣ କରାଯାଇଛି। ଏହି ଦଳ ଲିଙ୍ଗରାଜ ମନ୍ଦିର ପ୍ରବେଶ ପଥରେ ପହଞ୍ଚିବା ପରେ ସେମାନଙ୍କୁ ପାରମ୍ପରିକ ସଂକୀର୍ତ୍ତନ, ହୁଳହୁଳି, ଯୋଡ଼ିଶଙ୍ଖ ବଜାଇ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ଲିଙ୍ଗରାଜଙ୍କ ସେବାୟତଗଣ ଓ ଖୋର୍ଦ୍ଧା ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଏହି ଦଳଙ୍କୁ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ ପ୍ରମୁଖ ଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ଓ ଭୁବନେଶ୍ୱର ଉପଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ଭୁବନେଶ୍ୱର ଅବକାରୀ ଅଧୀକ୍ଷକ ପ୍ରଦୀପ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ବାହାରିଥିବା ୧୭ଟି ବରିଷ୍ଠ ସେବାୟତ ଓ ପ୍ରତିନିଧି ଦଳ ଏକାମ୍ର କ୍ଷେତ୍ରରୁ ନିମନ୍ତ୍ରଣ ଆରମ୍ଭ କରିଥିବା ବେଳେ ଦିଲ୍ଲୀ, କୋଲକାତା, ଚେନ୍ନାଇ, ମଦୁରାଇ, ମୁମ୍ବାଇ, ଅହମଦାବାଦ୍, ବେଙ୍ଗାଲୁରୁ, ଇନ୍ଦୋର, ତିରୁଅନନ୍ତପୁରମ୍ ଅଭିମୁଖେ ଆଜି ପ୍ରଥମ ଦିନରେ ଯାତ୍ରା କରିଥିବା ଜଣାପଡ଼ିଛି। ଅପରପକ୍ଷେ, ଆଜି ସେବାୟତମାନଙ୍କ ପ୍ରତିନିଧିଦଳ ବାଲେଶ୍ୱର ଓ ସମ୍ବଲପୁରରେ ନିମନ୍ତ୍ରଣ ପାଇଁ ପହଞ୍ଚିଛନ୍ତି।





# ମା' କଟକଚଣ୍ଡୀ ଓ ନିଆଳି ମାଧବଙ୍କୁ ନିମନ୍ତ୍ରଣ




**କଟକ,୨୬।୧୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ କଟକର ଆରାଧ୍ୟ ଦେବୀ ମା' କଟକ ଚଣ୍ଡୀ ଏବଂ ନିଆଳିର ଶ୍ରୀମାଧବାନନ୍ଦଜୀଉ ମନ୍ଦିରକୁ ହୋଇଛି ନିମନ୍ତ୍ରଣ। ଆସନ୍ତା ଜାନୁଆରୀ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ତଥା ରାଜ୍ୟ ବହାରର ବିଭିନ୍ନ ଧର୍ମାନୁଷ୍ଠାନଗୁଡ଼ିକୁ ଆମନ୍ତ୍ରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୁରୀ ଶ୍ରୀମନ୍ଦିରର ଏକ ସେବାୟତ ପ୍ରତିନିଧି ଦଳ କଟକ ଆସି କଟକର ଆରାଧ୍ୟ ଦେବୀ ମା' କଟକ ଚଣ୍ଡୀ ମନ୍ଦିର ଏବଂ ନିଆଳିର ଶ୍ରୀମାଧବାନନ୍ଦଜୀଉ ମନ୍ଦିରର ପୂଜକ ଓ ସେବାୟତମାନଙ୍କୁ ବିଧିବଦ୍ଧ ଭାବେ ନିମନ୍ତ୍ରଣ କରିଛନ୍ତି। ଏଥିନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପେଶାଲ୍ ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଦଇତାପତି ଓ ସେବକମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଅପରାହ୍ଣ ୪ଟା ସମୟରେ ସେବାୟତ ପ୍ରତିନିଧି ଦଳ ସର୍କିଟ୍ ହାଉସ୍‌ଠାରେ ପହଞ୍ଚିବା କ୍ଷଣି ଏକ ସଂକୀର୍ତ୍ତନ ଦଳ ମହାପ୍ରଭୁଙ୍କ ନାମସଂକୀର୍ତ୍ତନ କରି ସେମାନଙ୍କୁ ପାଛୋଟି ନେଇଥିଲେ। ସର୍କିଟ୍ ହାଉସ ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ମଞ୍ଚରେ ପୁରୀରୁ ଆସିଥିବା ଦଇତାପତି ବୃନ୍ଦଙ୍କ ସହିତ ପୁରୀ ଜିଲ୍ଲା ପ୍ରଶାସନର ସବ୍ କଲେକ୍ଟର ବିବେକାନନ୍ଦ ସାହୁ ଏବଂ କଟକ ଜିଲ୍ଲା ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଓ ପୁରୀ ଶ୍ରୀମନ୍ଦିର ଜିଲ୍ଲା ପ୍ରଶାସନର ଡେପୁଟି କଲେକ୍ଟର ଶ୍ରୀ ସାହୁଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ସେବାୟତ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ପ୍ରତିନିଧି ଦଳ ଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ପ୍ରେରିତ ନିମନ୍ତ୍ରଣ ପତ୍ର ସହ ସନନ୍ଦ ଏବଂ ମହାପ୍ରସାଦକୁ ପୁରୀ ଶ୍ରୀମନ୍ଦିରର ସେବାୟତ ଓ ଦଇତାପତି ଜିତେନ୍ଦ୍ର ଦାସ୍ ମହାପାତ୍ର, ଭଗବାନ ଦାସ ମହାପାତ୍ର ଓ ରାମଚନ୍ଦ୍ର ଦାସ ମହାପାତ୍ର ପ୍ରଦାନ କରି ମନ୍ଦିରର ପୂଜକ ଓ ସେବାୟତଙ୍କୁ ନିମନ୍ତ୍ରଣ କରିଥିଲେ। ମା' କଟକ ଚଣ୍ଡୀଙ୍କୁ ପୁରୀର ଏହି ପ୍ରତିନିଧି ଦଳ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଚଣ୍ଡୀ ମନ୍ଦିର ପକ୍ଷରୁ ପୂଜକ ବିକ୍ରମ କେଶରୀ ପଣ୍ଡା, ମନୋଜ କୁମାର ପଣ୍ଡା, ସୁକଦେବ ପଣ୍ଡା, ରାମଚନ୍ଦ୍ର ପଣ୍ଡା ଓ ରଞ୍ଜିତ କୁମାର ପଣ୍ଡା ନିମନ୍ତ୍ରଣ ପତ୍ର ସାଦରେ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଶେଷ କରି ପ୍ରତିନିଧି ମଣ୍ଡଳୀ ନିଆଳି ଅଭିମୁଖେ ଗସ୍ତ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ମାମୁ ଭାବେ ଖ୍ୟାତ ନିଆଳି ମାଧବାନନ୍ଦ ଦେବଙ୍କ ମନ୍ଦିରରେ ପହଞ୍ଚି ନିମନ୍ତ୍ରଣ ପତ୍ର ସହ ସନନ୍ଦ ଏବଂ ମହାପ୍ରସାଦକୁ ମନ୍ଦିରର ପୂଜକଙ୍କୁ ପ୍ରଦାନ କରି ମାଧବାନନ୍ଦ ଦେବଙ୍କ ଆଶୀର୍ବାଦ କାମନା କରିଥିଲେ। ପୂଜକ ଦେବାଶିଷ ପୁଷ୍ପାଳକ, ସୁରେଶ ପୁଷ୍ପାଳକ, ତ୍ରିଲୋଚନ ପୁଷ୍ପାଳକ, କୃଷ୍ଣଚନ୍ଦ୍ର ପୁଷ୍ପାଳକ, ମନୋଜ ପୁଷ୍ପାଳକ ନିମନ୍ତ୍ରଣ ସ୍ୱୀକାର କରିଥିଲେ।

# ଦାରୁକ୍ଷେତ୍ର ଦଧିମାଛଗାଡ଼ିଆ ଓ ଜାଗୁଳାଇ ପୀଠ ଜଗନ୍ନାଥ ମନ୍ଦିରରେ ସେବାୟତମଣ୍ଡଳୀ



**ଖୋର୍ଦ୍ଧା:** ବରିଷ୍ଠ ସେବାୟତମାନେ ନିମନ୍ତ୍ରଣପତ୍ର ଧରି ଆଜି ଖୋର୍ଦ୍ଧା ଦଧିମାଛଗାଡ଼ିଆ ଦାରୁକ୍ଷେତ୍ରରେ ପହଞ୍ଚିଥିଲେ। ଏଠାରେ ସଂକୀର୍ତ୍ତନ ଦଳ ଘଣ୍ଟଘଣ୍ଟା, ଢୋଲ, ଶଙ୍ଖ, ହୁଳୁହୁଳି, ହରିବୋଲ ପକାଇ ଭକ୍ତିମୟ ପରିବେଶରେ ନିମନ୍ତ୍ରଣକାରୀ ଦଳକୁ ପାଛୋଟି ନେଇଥିଲେ। ଏହି ପ୍ରତିନିଧିଦଳ ନିମନ୍ତ୍ରଣ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ସମୋରାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଦାରୁକ୍ଷେତ୍ର ପକ୍ଷରୁ ଟ୍ରଷ୍ଟି ମୁଖ୍ୟ ମାନସ ରଞ୍ଜନ ପଟ୍ଟନାୟକ ନିମନ୍ତ୍ରଣ ଗ୍ରହଣ କରିଥିଲେ। ଶ୍ରୀମନ୍ଦିର ପକ୍ଷରୁ ଦଇତାପତି ଜଗନ୍ନାଥ ଦାସ ମହାପାତ୍ର, ବିଭୁ ପ୍ରସାଦ ମହାପାତ୍ର ପ୍ରମୁଖ ଆସିଥିବା ବେଳେ ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧୀ ତନୟା ସାହୁ ଉପସ୍ଥିତ ଥିଲେ। ବ୍ଲକ୍ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଏବଂ ଅଞ୍ଚଳବାସୀ ନିମନ୍ତ୍ରଣ ଦଳକୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ସେହିପରି ସେବାୟତମାନେ ଖୋର୍ଦ୍ଧାସ୍ଥିତ ଜାଗୁଳାଇ ପୀଠରେ ଥିବା ପୂର୍ଣ୍ଣାବୟବ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠି, ମନ୍ଦିର ସେବାୟତ ବୈକୁଣ୍ଠ ମହାପାତ୍ର ଏବଂ ଅନ୍ୟମାନେ ସେବାୟତମାନଙ୍କୁ ସ୍ୱାଗତ କରିଥିଲେ। ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ମନ୍ଦିର କର୍ମକର୍ତ୍ତାଙ୍କୁ ଏହି ପ୍ରତିନିଧିଦଳ ନିମନ୍ତ୍ରଣ କରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ସମୋରାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରିଥିଲେ।

## ନୟାଗଡ଼ ଜଗନ୍ନାଥଙ୍କୁ ନିମନ୍ତ୍ରଣ ଦେଲେ



**ନୟାଗଡ଼:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ନିମନ୍ତ୍ରଣପତ୍ର ଆସି ନୟାଗଡ଼ରେ ପହଞ୍ଚିଥିଲେ। ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ନୟାଗଡ଼ ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ଉପସ୍ଥିତ ରହି ନିମନ୍ତ୍ରଣ ନେଇ ଆସିଥିବା ଅତିଥିଙ୍କୁ ସ୍ୱାଗତ କରିଥିଲେ। ପୁରୀ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ନୋଡାଲ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ, ସୋମନାଥ ପ୍ରତିହାରୀ, ନାରାୟଣ ପ୍ରତିହାରୀ, କଳିଯୁଗ ହରେକୃଷ୍ଣ ପ୍ରତିହାରୀ ନିମନ୍ତ୍ରଣ ଧରି ଆସିଥିଲେ। ନୟାଗଡ଼ ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଚାରୁ କୁମାର ବଳ ପ୍ରମୁଖ ଉପସ୍ଥିତ ରହି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଆସିଥିବା ସେବାୟତ ନୟାଗଡ଼ ଜଗନ୍ନାଥ ମନ୍ଦିରକୁ ଯାଇ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ।

## ମା' ମଙ୍ଗଳାଙ୍କୁ ଦିଆଗଲା ନିମନ୍ତ୍ରଣ

ଆସନ୍ତା ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ପାଇଁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିମନ୍ତ୍ରଣ ଦିଆଯିବା ପରେ ସେବାୟତଙ୍କ ଏକ ପ୍ରତିନିଧି ଦଳ ଆଜି ସନ୍ଧ୍ୟାରେ କାକଟପୁର ବାସିନୀ ମା' ମଙ୍ଗଳା ମନ୍ଦିରରେ ପହଁଚିଛନ୍ତି। ଶ୍ରୀମନ୍ଦିରରୁ ଆସିଥିବା ନିମନ୍ତ୍ରଣପତ୍ର ସହ ଗୁଆ ଦେଇ ମା'ମଙ୍ଗଳାଙ୍କୁ ନିମନ୍ତ୍ରଣ କରିଛନ୍ତି।



## ଢେଙ୍କାନାଳର ପ୍ରଭୁ ଶ୍ରୀଚନ୍ଦ୍ରଶେଖର ଓ ବଳରାମଜୀଉ



**ଢେଙ୍କାନାଳ:** ପୁରୀରୁ ନିମନ୍ତ୍ରଣ ନେଇ ସୂପକାର ସେବାୟତ ନାରାୟଣ ମହାପାତ୍ର ଓ ଗରାବଡୁ ସେବାୟତ ନରସିଂହ ମହାପାତ୍ର ତଥା ନୋଡାଲ ଅଧିକାରୀ ସମ୍ବିତ ଆଚାର୍ଯ୍ୟ ଢେଙ୍କାନାଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ନିମନ୍ତେ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀ ଢେଙ୍କାନାଳର ଆରାଧ୍ୟ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର, ବଳରାମଜୀଉଙ୍କ ଉଦ୍ଦେଶ୍ୟରେ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଉତ୍ସବକୁ ଜିଲ୍ଲାର ସମସ୍ତ ଦେବଦେବୀଙ୍କୁ ଆମନ୍ତ୍ରଣ କରାଯାଉଛି ବୋଲି ବରିଷ୍ଠ ସେବାୟତମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ଭଜନ କୀର୍ତ୍ତନ ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଶ୍ରୀମନ୍ଦିରର ସୂପକାର ସେବକ ନାରାୟଣ ମହାପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ନରସିଂହ ମହାପାତ୍ର, ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଶାରଳା ଓ କୁଞ୍ଜବିହାରୀ ଜଗନ୍ନାଥ




ଜଗତସିଂହପୁର: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ତଥା ଲୋକାର୍ପଣ ଉତ୍ସବ ନିମନ୍ତେ ପୁରୀ ମନ୍ଦିର ପ୍ରଶାସନ ପକ୍ଷରୁ ଆଜି ଜଗତସିଂହପୁର ଜିଲ୍ଲାର ଆରାଧ୍ୟା ଦେବୀ ମାଆ ଶାରଳାଙ୍କ ସମେତ ଅନ୍ୟ ଦେବଦେବୀଙ୍କୁ ଆମନ୍ତ୍ରଣ କରାଯାଇଛି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଝଙ୍କଡ଼ ମା' ଶାରଳା ଠାକୁରାଣୀଙ୍କ ସହ ଗଡ଼କୁଜଙ୍ଗର ପ୍ରଭୁ କୁଞ୍ଜବିହାରୀ ଜଗନ୍ନାଥ ମନ୍ଦିର ପୂଜକ ଓ ସମସ୍ତ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଶ୍ରୀମନ୍ଦିରର ନୋଡାଲ ଅଫିସର ଜଗତସିଂହପୁର ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜକମାନଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ।

# ବିଜୁ ବାବୁଙ୍କୁ ଭକ୍ତି ଅର୍ଘ୍ୟ




**ଭୁବନେଶ୍ୱର,୨୬ ।୧୨(ସମିସ):**

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଆଦର୍ଶକୁ ପାଥେୟ କରି ଲୋକଙ୍କ ସେବାରେ କାର୍ଯ୍ୟ କରିବା ଲକ୍ଷ୍ୟରେ ୧୯୯୭ ମସିହା ଡିସେମ୍ବର ୨୬ ତାରିଖରେ ପ୍ରତିଷ୍ଠା ହୋଇଥିଲା ବିଜୁ ଜନତା ଦଳ। ଦୀର୍ଘ ୨୬ ବର୍ଷ ଧରି ସେହି ଦଳ ନିରବଚ୍ଛିନ୍ନ ଭାବେ ଓଡ଼ିଶାବାସୀଙ୍କ ସେବା କରି ଆସୁଛି ଏବଂ ଓଡ଼ିଶାର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରି ଆସୁଛି। ସେବା ଓ ସାମାଜିକ ଅଙ୍ଗୀକାରବଦ୍ଧତା ଯୋଗୁଁ ଆଜି ଏହା ଦେଶର ଶ୍ରେଷ୍ଠ ଆଞ୍ଚଳିକ ଦଳ ଭାବେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଏକ ଛୋଟ ଚାରା ଗଛରୁ ମହାଦ୍ରୁମରେ ପରିଣତ ହୋଇଥିବା ବିଜେଡି ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଏବଂ ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ ହୋଇ ନିଷ୍ଠାପର ଭାବେ କାମ କରି ଚାଲିଥିବ। ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କ ସହିତ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମଧ୍ୟ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ସାଂସଦ ଡକ୍ଟର ଅମର ପଟ୍ଟନାୟକ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ମେୟର ସୁଲୋଚନା ଦାସ, ରାଜ୍ୟ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦିଲ୍ଲୀପ ତିର୍କୀ, ଦୁର୍ଗା ସାମନ୍ତରାୟ, ଅମରେଶ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ, ରୁଦ୍ର ନାରାୟଣ ସାମନ୍ତରାୟ, ବିରଞ୍ଚି ନାରାୟଣ ମହାସୂପକାରଙ୍କ ସମେତ ସମସ୍ତ କର୍ପୋରେଟର୍, ଛାମୁଆ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ସଂଗ୍ରହ ହେଲା ୩୦୭ ୟୁନିଟ୍ ରକ୍ତ

ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଆହ୍ୱାନକୁ ନେଇ ଆଜି ଶଙ୍ଖ ଭବନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀମୟୀ ମିଶ୍ର, ମେୟର ସୁଲୋଚନା ଦାସ, ଡକ୍ଟର ସନ୍ତୋଷ ବେଜ, ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ, ଓଡ଼ିଶା-ମୋ ପରିବାରର ସହ ସଂଯୋଜକ ରୁଦ୍ର ନାରାୟଣ ସାମନ୍ତରାୟ, ଦେବଗଡ଼ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା କର୍ପୋରେଟର ଅମରେଶ ଜେନା, କୋରାପୁଟ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ମୀରା ପରିଡ଼ା, ବିଜେଡି ମୁଖପାତ୍ର ଡକ୍ଟର ପ୍ରିୟବ୍ରତ ମାଝୀ, ଦୁର୍ଗା ସାମନ୍ତରାୟ, ଅଶ୍ୱିନୀ ସୁନ୍ଦରାୟ, ନବ କିଶୋର ବେହେରା ପ୍ରମୁଖ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ ଯୁବ ସଭାପତି ସମରେଶ ବେଉରାଙ୍କ ନେତୃତ୍ୱରେ ଭୁବନେଶ୍ୱର ମଧ୍ୟ ଯୁବ ସଭାପତି ତଥା କର୍ପୋରେଟର ଭାରତ ଲେଙ୍କା, ରାଜ୍ୟ ଯୁବ ଉପସଭାପତି ଦିଲ୍ଲୀ ସେନାପତି, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଶେଖ ଅମୀର, ଭୁବନେଶ୍ୱର ଜିଲ୍ଲା ଛାତ୍ର ସଭାପତି ସୁବାଷ ସାହୁ, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଉପସଭାପତି ତଥା ସୋସିଆଲ ମେଡିଆ ସଂଯୋଜକ ରୋହିତ କୁମାର ପାତ୍ର, ଉପସଭାପତି ସମୀର ବେହେରା, ସାଧାରଣ ସମ୍ପାଦକ ବିଜୟ ଗୋଛାୟତ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ଜେନା, ସମ୍ପାଦକ ସୁକାନ୍ତ ମହାନ୍ତି ଓ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଛାତ୍ର ଉପସଭାପତି ମହମ୍ମଦ କାସିମଙ୍କ ସହଯୋଗରେ ଆଜି ଏହି ଶିବିରରେ ୩୦୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ପ୍ରବାଦ ପୁରୁଷଙ୍କ ପରାକ୍ରମକୁ ସ୍ମରଣ କରାଇଲା ସାଇକଲ ଶୋଭାଯାତ୍ରା

ପ୍ରତିଷ୍ଠା ଦିବସ ଅବସରରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଏକ ବିଶାଳ ସାଇକେଲ ରାଲି ଆୟୋଜନ କରାଯାଇଥିଲା। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଆନନ୍ଦ ଭବନରୁ ସକାଳ ୮ଟା ସମୟରେ ବିଶାଳ ସାଇକଲ ଶୋଭାଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ସମାପନ ହୋଇଥିଲା। ଏହା ପରେ ସେଠାରେ ଶ୍ରୀ ଦାସଙ୍କ ସମେତ ସମସ୍ତ ନେତୃବୃନ୍ଦ ବିଜୁ ବାବୁଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। କଟକରୁ ଭୁବନେଶ୍ୱର ଯାତ୍ରା ସମୟରେ ରାସ୍ତାର ଉଭୟ ପାଶ୍ୱର୍ରେ ସାଧାରଣ ଜନତା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରାଲି ଉପରେ ପୁଷ୍ପ ବର୍ଷା କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନବୀନ ପଟ୍ଟନାୟକଙ୍କ ପ୍ରତି ଥିବା ନିଜର ସମର୍ପଣ ଭାବର ପରିପ୍ରକାଶ କରିଥିଲେ।

## 'ନବୀନ ଓଡ଼ିଶା' ଗଠନ ପାଇଁ ଶପଥ

ବିଜୁ ବାବୁଙ୍କ ଆଦର୍ଶକୁ ପାଥେୟ କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିକଶିତ, ସଶକ୍ତ ଓ ସ୍ୱାଭିମାନୀ ଓଡ଼ିଶା ଗଠନ ପାଇଁ ଶପଥ ନେଇଛନ୍ତି ବିଜୁ ଜନତା ଦଳର ନେତା ଏବଂ କର୍ମୀ। ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସରେ ଶଙ୍ଖ ଭବନରେ ଦଳର ଉପସଭାପତି ତଥା ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓଡ଼ିଶାବାସୀଙ୍କ ସେବାରେ ନିଜକୁ ପୁନଃ ସମର୍ପିତ ହେବା ଲାଗି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଶ୍ରୀ ମିଶ୍ରଙ୍କ ସହିତ ସମସ୍ତେ ଏକ ସ୍ୱରରେ କହିଥିଲେ ଯେ, ମୁଁ ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଗର୍ବ ଅନୁଭବ କରେ। ଓଡ଼ିଶା ବିକାଶର ସାରଥୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶକୁ ଉଚ୍ଚତର ସୋପାନକୁ ନେବା ପାଇଁ ମୁଁ ସୈନିକ ହିସାବରେ ଯୋଗଦେବି। ଓଡ଼ିଶାର ନ୍ୟାଯ୍ୟ ଦାବି ହାସଲ ପାଇଁ ନିର୍ଭୀକତାର ସହ ସଂଗ୍ରାମ କରିବି। ଆଜି ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସରେ ମୁଁ ଶପଥ କରୁଛି ଯେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ପୁନଃଉତ୍ସର୍ଗ କରିବି। ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ 'ନବୀନ ଓଡ଼ିଶା' ଗଠନ ପାଇଁ ବ୍ରତୀ ହେବି।






# ଚିତ୍ରାଙ୍କନ ପ୍ରତିଯୋଗିତା ଫଳାଫଳ ଘୋଷିତ

**ଭୁବନେଶ୍ୱର,୨୬।୧୨(ସମିସ):** ଶ୍ରୀଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ, ବସନ୍ତପୁର ପକ୍ଷରୁ ଦିବ୍ୟ ଆଶିଷ ଦିବସ ଅବସରରେ ସ୍କୁଲ ପିଲାଙ୍କ ନିମନ୍ତେ ୟୁନିଟ୍-୩, ଉତ୍କଳ ସାମ୍ବାଦିକ ସଂଘ ପରିସରରେ ଆୟୋଜିତ ହୋଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀସାଇନାଥଙ୍କ ଚିତ୍ରାଙ୍କନ ପ୍ରତିଯୋଗିତାର ଫଳାଫଳ ପ୍ରକାଶିତ ହୋଇଛି। ଗ୍ରୁପ୍-ଏ'ରେ ମଦର୍ ପବ୍ଲିକ ସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ବୀରେନ୍ଦ୍ର ପ୍ରଥମ, ବିଜେଇଏମ୍-୧ ସ୍କୁଲର ୟୁକେଜି ଶ୍ରେଣୀ ଛାତ୍ର ଶିବାଂଶ ନାୟକ ୨ୟ ଓ ବିଜେଇଏମ୍ ସ୍କୁଲର ଏଲ୍‌କେଜି ଶ୍ରେଣୀ ଛାତ୍ର ଜିଜ୍ଞାଂଶୁ ଜେନା ୩ୟ ହୋଇଛନ୍ତି। ଗ୍ରୁପ୍-ବି'ରେ ବିଜେଇଏମ୍-୨ ସ୍କୁଲର ୩ୟ ଶ୍ରେଣୀ ଛାତ୍ରୀ ରଚିତା ଦାସ ପ୍ରଥମ, ସେଣ୍ଟ ଯୋଶେଫ୍ ହାଇସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ର ପ୍ରୀତିଶ ପଟ୍ଟନାୟକ ଦ୍ୱିତୀୟ ଓ ବିଜେଇଏମ୍-୧ ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ରୀ ଅନନ୍ୟା ଅନସୂୟା ରାଉତ ୩ୟ ହୋଇଛନ୍ତି। ସେହିପରି ଗ୍ରୁପ୍-ସି'ରେ କେନ୍ଦ୍ରୀୟ ବିଦ୍ୟାଳୟ-୧'ର ୬ଷ୍ଠ ଶ୍ରେଣୀ ଛାତ୍ର ନିଖିଲ ରାଜ୍ ନାୟକ ପ୍ରଥମ, ଫ୍ୟୁଚର ଭୁବନେଶ୍ୱର ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ରୀ ସନମ୍ ମିଶ୍ର ୨ୟ ଓ ବିଜେଇଏମ୍-୨ ସ୍କୁଲର ୬ଷ୍ଠ ଶ୍ରେଣୀ ଛାତ୍ର ସାଇଦୀପ୍ ୩ୟ ହୋଇଛନ୍ତି। ସେହିପରି ଗ୍ରୁପ୍-ଡି'ରେ କିସ୍ ସ୍କୁଲର ୮ମ ଶ୍ରେଣୀ ଛାତ୍ର ରାମ ମାରାଣ୍ଡି ପ୍ରଥମ, କିସ୍ ସ୍କୁଲର ୮ମ ଶ୍ରେଣୀ ଛାତ୍ର ବରୁଣ ପାରେ ୨ୟ ଓ ସେଣ୍ଟ ଜାଭିୟର ସ୍କୁଲର ୮ମ ଶ୍ରେଣୀ ଛାତ୍ର ଆୟୁଷ ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି।

# ସୋମବାର ବି ଖୋଲା ରହିବ ପ୍ଲାନେଟାରିୟମ୍

**ଭୁବନେଶ୍ୱର,୨୬।୧୨(ସମିସ):** ପଠାଣିସାମନ୍ତ ପ୍ଲାନେଟାରିୟମ ପ୍ରତ୍ୟେକ ସୋମବାର ବନ୍ଦ ରହୁଥିଲା। ହେଲେ ପର୍ଯ୍ୟଟନ ଋତୁରେ ଭିଡ଼କୁ ନଜରରେ ରଖି ଜାନୁଆରୀ ୬ ପର୍ଯ୍ୟନ୍ତ ସବୁ ସୋମବାର ପ୍ଲାନେଟାରିୟମ ଖୋଲା ରହିବ ବୋଲି କୁହାଯାଇଛି। ଜମିଲାଣି ପର୍ଯ୍ୟଟନ ଋତୁ। ରାଜ୍ୟରେ ଶୀତ ପଡ଼ିବା ସହ ସବୁ ପର୍ଯ୍ୟଟନସ୍ଥଳରେ ବି ଜନଗହଳି ଦେଖାଦେଉଛି। ବିଭିନ୍ନ ମନ୍ଦିର, ପାର୍କ, ମ୍ୟୁଜିୟମ ଆଦିରେ ଲୋକ ଏହି ଦିନରେ ବେଶୀ ଭିଡ଼ ଜମାଉଛନ୍ତି। ସେହିକ୍ରମରେ ରାଜଧାନୀର ଆଚାର୍ଯ୍ୟ ବିହାରରେ ଥିବା ପଠାଣିସାମନ୍ତ ପ୍ଲାନେଟାରିୟମ୍‌ରେ ମଧ୍ୟ ଭିଡ଼ ଦେଖିବାକୁ ମିଳୁଛି। ସ୍କୁଲ ପିଲାଙ୍କଠାରୁ ନେଇ ସବୁ ବର୍ଗର ଲୋକେ ଏଠାକୁ ବୁଲି ଆସୁଛନ୍ତି। ସେଥିପାଇଁ ଭିତର ପ୍ଲାନେଟୋରିୟମ ପାର୍ଶ୍ୱ ସହ ବାହାର ପାର୍ଶ୍ୱକୁ ମଧ୍ୟ ଆକର୍ଷିତ କରାଯାଉଛି। ଏହି ପ୍ଲାନେଟୋରିୟମଟି ୮ ଜାନୁୟାରୀ ୧୯୯୦ ମସିହାରୁ ପ୍ରତିଷ୍ଠା ଲାଭ କରିଥିଲା। ୨୦୧୨ ମସିହାରେ ପ୍ରଥମକରି ଏଠାରେ ଡିଜିଟାଲ ଉପକରଣମାନ ବ୍ୟବହାର ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହାର ଉପକରଣ ବଢ଼ିବାରୁ ଲୋକଙ୍କ ଭିଡ଼ ମଧ୍ୟ ବଢ଼ିବାରେ ଲାଗିଛି। ଏବେ ଏହି ଋତୁ ପାଇଁ ଅନ୍ୟ ଦିନ ଅପେକ୍ଷା ଅଧିକ ପର୍ଯ୍ୟଟକ ଆସୁଥିବାର ପ୍ଲାନେଟାରିୟମର ମୁଖ୍ୟ ଜୟଦେବ କର ମତ ଦେଇଛନ୍ତି। ଦିନକୁ ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ପ୍ଲାନେଟାରିୟମ୍ ପ୍ରବେଶରେ ଟିକଟ ବ୍ୟବସ୍ଥା ରହିଛି ଯେଉଁଥିରେ ପିଲାଙ୍କ ପାଇଁ ୨୦ ଟଙ୍କା ଧାର୍ଯ୍ୟ ଥିବାବେଳେ ବଡ଼ଙ୍କ ପାଇଁ ୩୦ ଟଙ୍କା ମୂଲ୍ୟ ରହିଛି।

**ପ୍ରତିଦିନ ଆସୁଛନ୍ତି ୨ ହଜାର ପର୍ଯ୍ୟଟକ**

# ବିଜେଡି ପ୍ରତିଷ୍ଠା ଦିବସ

**ବାଲିଅନ୍ତା,୨୬ ।୧୨(ସମିସ):** ବାଲିଅନ୍ତା ବ୍ଲକ୍ ଗଡ଼ଶ୍ରୀରାମପୁର ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ କମଳ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ଜେନାମଣି, କିଶୋର କୁମାର ଜେନା, ବାସନ୍ତୀ ଖଟୁଆ, ଇତିଶ୍ରୀ ଜେନା, ହରପ୍ରିୟା ଦାସ, ରୀନା ରାଣୀ ଜେନା, ୬ଟି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ, ଖୋର୍ଦ୍ଧା ଜିଲ୍ଲା ମିଶନ ଶକ୍ତି ସଭାନେତ୍ରୀ ପଦ୍ମିନୀ ଦାଶ, ନବ କିଶୋର ମଲ୍ଲିକ ଯୋଗଦେଇଥିଲେ। ପରେ କର୍ମୀମାନେ ସଙ୍କଳ୍ପ ପାଠ କରିଥିଲେ। ସକାଳେ ଏକ ସାଇକଲ ଶୋଭାଯାତ୍ରା ଗଡ଼ଶ୍ରୀରାମପୁରସ୍ଥିତ ବିଜେଡି କାର୍ଯ୍ୟାଳୟରୁ ବାହାରି କଟକ ଆନନ୍ଦ ଭବନରେ ପହଞ୍ଚିଥିଲା। ସେଠାରୁ ସିଧାସଳଖ ଭୁବନେଶ୍ୱର ଅଭିମୁଖେ ଯାଇ ଶଙ୍ଖ ଭବନରେ ପହଞ୍ଚିଥିଲା।

# ୬ରୁ ସର୍ବସାଧାରଣଙ୍କ ପାଇଁ ଖୋଲାରହିବ ରାଜଭବନ ଉଦ୍ୟାନ

**ଭୁବନେଶ୍ୱର,୨୬।୧୨(ସମିସ):** ଆସନ୍ତା ୬ ତାରିଖରୁ ଝଲସିବ ରାଜଭବନ ଉଦ୍ୟାନ। ଜାନୁଆରୀ ୨୦ ତାରିଖ ଯାଏଁ ୧୪ ଦିନ ଧରି ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଅପରାହ୍ନ ୨ଟା ୩୦ରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ରଙ୍ଗିନ ଫୁଲର ସମ୍ଭାରରେ ଝଲସିବ ରାଜଭବନ ଉଦ୍ୟାନ। ଲାଲ୍ ଗୋଲାପରୁ ଆରମ୍ଭ କରି ବିଭିନ୍ନ ଫୁଲର ଆସର ଜମିବ ଉଦ୍ୟାନରେ। ଦର୍ଶକଙ୍କୁ ଆକର୍ଷିତ କରିବ ୫୦୦ରୁ ଊର୍ଦ୍ଧ୍ୱ କିସମର ଭଳି କି ଭଳି ଫୁଲର ସମ୍ଭାର। ୱାଟର୍ ଫାଉଣ୍ଟେନ, ମ୍ୟୁଜିକାଲ ଫାଉଣ୍ଟେନ୍, ଗୋଲାପ ଉଦ୍ୟାନ, ହରିଣ ପାର୍କ, ମୟୂର ଏବଂ ସର୍ବୋପରି ଉଦ୍ୟାନର ସବୁଜିମା ପରିଦର୍ଶକମାନଙ୍କୁ ବିଶେଷ ଭାବରେ ଆକର୍ଷଣ କରିବ। ବିଭିନ୍ନ କିସମର ଗୋଲାପ ସାଙ୍ଗକୁ ସାଲ୍‌ଭିଆ, ଡାଲିଆ, ସେବତି, ଅର୍କିଡ୍ ହାଉସ୍ ଓ କାକ୍‌ଟସ୍ ହାଉସ୍ ସାଙ୍ଗକୁ ମ୍ୟୁଜିକ୍ ଫାଉଣ୍ଟେନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଉଦ୍ୟାନରେ ପୁଷ୍ପ ପ୍ରଦର୍ଶନୀ ଦେଖିବା ପାଇଁ ସ୍କୁଲ କଲେଜର ପିଲାଙ୍କଠାରୁ ଆରମ୍ଭ କରି ଲୋକମାନେ ପରିବାର ସହ ଆସିବେ। ଫୁଲ ସହ ବିଭିନ୍ନ ଔଷଧୀୟ ଗଛ ସମ୍ପର୍କରେ ତଥ୍ୟ ପାଇବାର ସୁଯୋଗ ମିଳିବ। ତେବେ କେବଳ ମୋବାଇଲ୍ ଆପ୍ ପଞ୍ଜୀକରଣ ମାଧ୍ୟମରେ ପ୍ରବେଶ ଅନୁମତି ରହିବ। ଏଥିପାଇଁ ମୋବାଇଲ ପ୍ଲେ ଷ୍ଟୋର କିମ୍ବା ଆପ୍ ଷ୍ଟୋରରୁ 'ଉଦ୍ୟାନ ପରିଦର୍ଶନ, ରାଜଭବନ, ଓଡ଼ିଶା ମୋବଇଲ ଆପ୍' ଡାଉନ୍‌ଲୋଡ୍ କରିବାକୁ ହେବ। ଓଡ଼ିଶା ରାଜଭବନ ୱେବସାଇଟ୍‌ରେ ଉପଲବ୍ଧ ଥିବା କ୍ୟୁଆର କୋଡ୍ ମାଧ୍ୟମରେ ମୋବାଇଲ ଆପ୍ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ। ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ସକାଳ ସମୟ ସ୍ଥିର ହୋଇଥିବା ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

**ପ୍ରବେଶ ପାଇଁ ଆପ୍‌ରେ ପଞ୍ଜୀକରଣ**

# ଆକର୍ଷଣରେ କାଠର ଶାନ୍ତିସ୍ତୂପ ଓ ଶ୍ରୀମନ୍ଦିର

**ଭୁବନେଶ୍ୱର,୨୬।୧୨(ସମିସ):**

କାଠରେ ନିର୍ମିତ ହୋଇଛି ଓଡ଼ିଶା ବିଧାନସଭା, ଧଉଳି ଶାନ୍ତିସ୍ତୂପ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଅବିକଳ ପ୍ରତିକୃତି। କେବଳ ସେତିକି ନୁହେଁ ଓଡ଼ିଶା ସମତେ ବିଭିନ୍ନ ଜିଲ୍ଲାର ମାନଚିତ୍ର, ତହସିଲ କାର୍ଯ୍ୟାଳୟ, ଥାନା ଆଦି ନକ୍ସା କାଠରେ ପ୍ରସ୍ତୁତ ହୋଇଛି। ଆମେରିକାର ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଠାରୁ ଆରମ୍ଭ କରି ପ୍ୟାରିସ୍‌ର ଆଇଫିଲ ଟାୱାର, ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍, ଆଗ୍ରାର ତାଜମହଲ, ମୁମ୍ବଇର ଗେଟ୍ ଅଫ୍ ଇଣ୍ଡିଆ, ପିରାମିଡ୍ ଆଦିର ଅବିକଳ ଚିତ୍ରରେ କାଠ ଖୋଦେଇରେ ନିର୍ମିତ ହୋଇଛି। ଏଭଳି ନିଆରା କରିଗରୀ ଦେଖିବାକୁ ମିଳିଛି ୧୮ତମ ତୋଷାଳି କ୍ରାଫ୍ଟ ମେଳାରେ। ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା ଏହି ମେଳାରେ ପ୍ରଥମଥର ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ କଞ୍ଚୁରୁ ପଞ୍ଚାୟତର କଣ୍ଟେକୋଳି ଗ୍ରାମର ଅରୁଣ କୁମାର ସାହୁଙ୍କ ଦ୍ୱାରା ଖୋଲା ଯାଇଥିବା ଏହି ଷ୍ଟଲ ଏବେ ମେଳାର ମୁଖ୍ୟ ଆକର୍ଷଣ ପାଲଟିଛି। ତେବେ ଏଠାରେ ସବୁଠାରୁ ଆକର୍ଷଣୀୟ ହୋଇଛି କାଠରେ ନିର୍ମିତ ହନୁମାନ ଚାଳିଶା। ଯାହା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ରେ ସ୍ଥାନୀତ ହୋଇଛି। ହନୁମାନ ଚାଳିଶାର ଦାମ୍ ୫୦ ହଜାର ଟଙ୍କା ରହିଥିବା ବେଳେ ତାଜମହଲର ଦାମ୍ ୬ଲକ୍ଷ, ଆଇଫିଲ ଟାୱାର ଦାମ୍ ୫ଲକ୍ଷ, ଓଡ଼ିଶା ବିଧାନସୌଧର ଦାମ୍ ୩ଲକ୍ଷ ରହିଛି। ଅରୁଣଙ୍କ ବାପା ଜଣେ କାଠ କାରିଗର ହୋଇଥିବାରୁ କୂଳବେଉସାକୁ ଆପଣେଇ ନେଇଛନ୍ତି ଅରୁଣ। ବାପାଙ୍କ କାମରୁ ବଳକା କାଠଗୁଡ଼ିକ ନେଇ ପିଲାଦିନରୁ ଅରୁଣ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ତାଙ୍କ ହାତ ତିଆରି ହନୁମାନ ଚାଳିଶା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ବେଳେ ସେ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି। ତୁଳସୀ ଦାସଙ୍କ ରଚିତ ହନୁମାନ ଚାଳିଶାର ପ୍ରତିଟି ଦୋହା ଓ ଚୌପାଇକୁ କାଠରେ ଖୋଦେଇ କରି ପୁସ୍ତକ ଭାବେ ସେ ପ୍ରସ୍ତୁତ କରିଛନ୍ତି। ଗମ୍ଭାରୀ କାଠକୁ ନିହାଣ ଓ ବ୍ଲେଡ୍ ସାହାଯ୍ୟରେ ଖୋଦେଇ କରି ୫ପୃଷ୍ଠା ବିଶିଷ୍ଟ ହନୁମାନ ଚାଳିଶା ସେ ପ୍ରସ୍ତୁତ କରିଛନ୍ତି। ଏହାର ସମ୍ମୁଖ ଓ ପାଶ୍ଚାତ ଭାଗରେ ମଲାଟ ରଖାଯାଇଛି। ଏହି ପୁସ୍ତକର ଲମ୍ବ ୧୦.୫ ଇଞ୍ଚ ଓ ଓସାର ୨.୫ ଇଞ୍ଚ ରହିଛି। ଏହି ପୁସ୍ତକକୁ ନିର୍ମାଣ କରିବାକୁ ତାଙ୍କୁ ୨ମାସ ସମୟ ଲାଗିଥିବା କହିଛନ୍ତି। ସେହିପରି କାଠରେ ବିଜୁ ପଟ୍ଟନାୟକ, ନବୀନ ପଟ୍ଟନାୟକ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଆରମ୍ଭ କରି ୩୦ରୁ ଅଧିକ ବରପୁତ୍ରଙ୍କ ପ୍ରତିକୃତି ନିର୍ମାଣ କରିଛନ୍ତି ସେ। ବର୍ତ୍ତମାନ ସେ ନିଜ ଅଞ୍ଚଳର ୩୦ରୁ ଅଧିକ ପିଲାଙ୍କୁ ମାଗଣାରେ ଏହି କାରିଗରୀ ଶିଖାଉଛନ୍ତି। ଯଦି ସରକାରଙ୍କ ସହଯୋଗ ମିଳନ୍ତା ତେବେ ବହୁ ସଂଖ୍ୟାରେ ପିଲା ଏହାକୁ ନେଇ ଜୀବିକା ନିର୍ବାହ କରିପାରିବେ ବୋଲି ସେ କହିଛନ୍ତି। ଏହି ଷ୍ଟଲରେ କାଠରେ ନିର୍ମିତ ଚାବିରିଂ ଠାରୁ ଆରମ୍ଭ କରି ବିଭିନ୍ନ ଘରସଜା ସାମଗ୍ରୀ ରହିଛି।

**ଛଅ ଲକ୍ଷରେ 'ତାଜ୍‌ମହଲ', ୩ ଲକ୍ଷରେ 'ବିଧାନସୌଧ'**











ସକାଳ THE SAKALA



# ପୁରୁଷୋତ୍ତମଙ୍କ ପାଇଁ ଉତ୍ସବମୁଖର ଏକାମ୍ର କ୍ଷେତ୍ର

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଦିଅଁ ବରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପୁରୁଷୋତ୍ତମଙ୍କ ଉତ୍ସବର ନିମନ୍ତ୍ରଣ ଆଜି ଶ୍ରୀଲିଙ୍ଗରାଜଙ୍କ ପାଖରୁ ଆରମ୍ଭ ହୋଇଛି । ଏହି ଅବସରରେ ଏକାମ୍ର କ୍ଷେତ୍ରରେ ଆଜି ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଥିଲା । ହରଙ୍କ ନିମନ୍ତ୍ରଣ ପତ୍ର ନେଇ ବିରାଟ ପଟୁଆରରେ ସେବାୟତଗଣ ହରିଙ୍କ ନିକଟକୁ ଆସି ହରି-ହର ଭେଟ କରାଇଥିଲେ । ନିମନ୍ତ୍ରଣ ପତ୍ର ସହ ସାଙ୍ଗରେ ଫୁଲ, ଚନ୍ଦନ, ବେଲପତ୍ର, ପାନ, ଗୁଆ ଅଙ୍ଗଲାଗୀ ଆଦି ଦେଇ ମହାପ୍ରଭୁ ଲିଙ୍ଗରାଜଙ୍କୁ ସମବେତ ଭାବେ ପ୍ରତିଷ୍ଠା ପୂଜା ପାଇଁ ଆମନ୍ତ୍ରଣ କରିଥିଲେ ।

## ଆଧ୍ୟାତ୍ମିକତାର ବାସ୍ନାରେ ମହକିଲା ପରିବେଶ

ଶ୍ରୀଲିଙ୍ଗରାଜଙ୍କ ନିମନ୍ତ୍ରଣ ପାଇଁ ଶ୍ରୀକ୍ଷେତ୍ରରୁ ୧୨୦ଜଣ ବରିଷ୍ଠ ସେବାୟତ ଆସିଥିଲେ । ସେମାନେ ମହାପ୍ରଭୁଙ୍କ ପାଇଁ ଆଣିଥିବା ବିଭିନ୍ନ ସାମଗ୍ରୀକୁ ବଡୁ ସେବାୟତମାନେ ଠାକୁରଙ୍କ ପାଖରେ ଲାଗି କରିଥିଲେ । ଏହାସହ ସେବାୟତମାନଙ୍କ ଜଳଲାଗି କରିବା ସହ ତାଙ୍କୁ ଠାକୁରଙ୍କ ବିରଳ ଦର୍ଶନ କରାଇଥିଲେ । ସେବାୟତମାନେ ସମବେତ ଭାବେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ସହ ଶ୍ଳୋକ ପରିବେଷଣ କରିଥିଲେ । ଯାହା ସମଗ୍ର ପରିବେଶକୁ ଆଧ୍ୟାତ୍ମିକତା ବାସ୍ନାରେ ମହକାଇଥିଲା ।

## ମୁଖରିକଲା ଘଣ୍ଟଘଣ୍ଟା, ଖୋଳତାଳ

ସେବାୟତଗଣ ଓ ପ୍ରଶାସକଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଗଞ୍ଜାମ ଜିଲ୍ଲା ନରେନ୍ଦ୍ରପୁରରୁ ଲୋକନୃତ୍ୟ ଯୋଡ଼ି ଶଙ୍ଖ ଓ ଦୁଲଦୁଲି ବାଦ୍ୟ ଦଳ ଅଣାଯାଇଥିଲା । ଏହି ପାରମ୍ପରିକ ବାଜା ସାଙ୍ଗକୁ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ପରିବେଶ । ସେହିଭଳି ଜଟଣୀରୁ ନୀଳକଣ୍ଠେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ, ମହାବୀର ସଂକୀର୍ତ୍ତନ ମଣ୍ଡଳୀ ଆସିଥିବାବେଳେ ଭୁବନେଶ୍ୱର ଉପକଣ୍ଠ ଇଞ୍ଜଣାରୁ ମଧ ଦୁଲ୍ଲାଦେଇ ସଂକୀର୍ତ୍ତନ ମଣ୍ଡଳୀର ଭଜନ କୀର୍ତ୍ତନ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା ।









## ମୁଖ୍ୟ ଆକର୍ଷଣ ମହାପ୍ରଭୁଙ୍କ ଚିତ୍ରପ୍ରତିମା

ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ସମ୍ମୁଖ ରାସ୍ତାରେ ପିଚୁର ଛାତି ଚିରି ବିଛା ଯାଇଥିଲା ନାଲି କାର୍ପେଟ୍ । କାର୍ପେଟ୍‌ର ଉଭୟପାର୍ଶ୍ୱରେ ଭଳିକି ଭଳି ମୁରୁଜରେ ଅଙ୍କାଯାଇଥିଲା ରଙ୍ଗୋଲୀ । ଧଳା, ନୀଳ, ସବୁଜ, ନାରଙ୍ଗୀ, ଗୋଲାପୀ ରଙ୍ଗରେ ଫୁଲ, ଡାଳୀର ସୁନ୍ଦର ଅଙ୍କନ ରାସ୍ତାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରି ଦେଉଥିଲା । ସେହିଭଳି ରଙ୍ଗୋଲୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭିତରେ ଶଙ୍ଖ ବର୍ଣ୍ଣ ଉଜ୍ଜ୍ୱଳମୟ ଚିତ୍ରପ୍ରତିମା ମୁଖ୍ୟ ଆକର୍ଷଣ ପାଲଟିଥିଲା । ମନ୍ଦିରକୁ ଆସିଥିବା ଶ୍ରଦ୍ଧାଳୁମାନେ କ୍ଷଣେ ଅଟକି ମହାପ୍ରଭୁଙ୍କ ଚିତ୍ରପ୍ରତିମାକୁ ଉପଭୋଗ କରିବା ସହ ଫଟୋଟିଏ ତୋଳିବାକୁ ଭୁଲୁନଥିଲେ ।

# ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର,୨୬।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ରବୀନ୍ଦ୍ରମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ପ୍ରଦାନ କରିଥିଲେ । ସନ୍ଧ୍ୟାର ଅତିଥିଭାବେ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍, ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ, ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ଗୁରୁ ଅରୁଣା ମହାନ୍ତି, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସିକତା ଦାସ, ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଡ. ଅନୁଜା ତାରିଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଏକକ ନୃତ୍ୟ ପର୍ଯ୍ୟାୟରେ ସୁଜାତା ମହାପାତ୍ର ଅର୍ଦ୍ଧନାରୀଶ୍ୱର ପରିବେଷଣ କରିଥିଲେ । ପରେ ପରେ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଦ୍ୱାରା ଅଭିନୟ 'ସଖୀ ହେ...' ଏବଂ ଦ୍ୱୈତ୍ୟ ନୃତ୍ୟ ପର୍ଯ୍ୟାୟରେ ଆଶୁତୋଷ ପରିଡ଼ା ଓ ଚିନ୍ମୟ ସାହୁଙ୍କ ଦ୍ୱାରା 'ବାଳି' ପରିବେଷିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଏକକ ନୃତ୍ୟ ପର୍ଯ୍ୟାୟରେ ଲକି ପ୍ରଜ୍ଞାନ ପ୍ରତିଷ୍ଠିତା ମହାନ୍ତିଙ୍କ ଦ୍ୱାରା ଅଭିନୟ 'ମା ଭାବାନୀ...' ଏବଂ ଏହାପରେ ପରେ ସୁକୃତି ଦାସଙ୍କ ଦ୍ୱାରା ଶିବ ପଞ୍ଚାକ୍ଷର, ଶ୍ରୀଜିତା ସାନ୍ୟଲ ଓ ସୁରଜିତ୍ ସୋମ୍‌ଙ୍କ ଦ୍ୱାରା ବେହାଗ ପଲ୍ଲବୀ, କୁଞ୍ଜଲତା ମିଶ୍ରଙ୍କ ଦ୍ୱାରା ଭଞ୍ଜ ଚମ୍ପୁ ପରିବେଷିତ ହୋଇଥିଲା । ସେହିପରି ସଞ୍ଜୀବ କୁମାର ଜେନା ସରସ୍ୱତୀ ପଲ୍ଲବୀ ପରିବେଷଣ କରିଥିବା ବେଳେ ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ନୂପୁର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ବର୍ଷା ବସନ୍ତ ପରିବେଷିତ ହୋଇଥିଲା । ଏହି ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବଟିର ସିଧାପ୍ରସାରଣ (ଲାଇଭ୍ ଷ୍ଟ୍ରିମିଂ) ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଫେସବୁକ୍ ଓ ୟୁଟ୍ୟୁବ୍ ଚ୍ୟାନାଲ୍‌ରେ ୫ଦିନ ଧରି ପ୍ରସାରିତ ହେବ । ଏହି ଉତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ଆମ୍ବେଦକର କଲେଜରେ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬।୧୨(ସମିସ):** ଡୁମଡୁମାସ୍ଥିତ ଡଃ ଆମ୍ବେଦକର ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ 'ନୂଆ ଓଡ଼ିଶା, ଯୁବ ଓଡ଼ିଶା'ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ ପଣ୍ଡା ଯୋଗ ଦେଇଥିଲେ । ଗତ ନଭେମ୍ବର ମାସ ୨୨ ତାରିଖରୁ ଆମ୍ବେଦକ କଲେଜରେ ଆଇଓ୍ୱାଇଡିପି ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ ହୋଇଥିଲା 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ । ଛାତ୍ରଛାତ୍ରୀ ମାନଙ୍କୁ ପାଠ ସହିତ ଖେଳ କୁଦ, ସାଂସ୍କୃତିକ କାର୍ଯ୍ୟକର୍ମ ଓ ସାମାଜିକ କାମରେ ଆଗକୁ ନେବାକୁ କଲେଜ ପକ୍ଷରୁ ଉଦ୍ୟମ କରାଯାଇଥିଲା । ଛାତ୍ରଛାତ୍ରୀମାନେ କଲେଜରେ ବିଭିନ୍ନ ଖେଳ, ସାଂସ୍କୃତିକ କାର୍ଯ୍ୟକର୍ମ ସହିତ ସାମାଜିକ କାମର ପ୍ରତିଯୋଗିତାରେ ଭାଗନେଇଥିଲେ ସେମାନଙ୍କ ପ୍ରତିଭା ଦେଖାଇଥିଲେ ବୋଲି ଆମ୍ବେଦକର କଲେଜର ଅଧ୍ୟକ୍ଷ ରାଜେନ୍ଦ୍ର ନାୟକ କହିଛନ୍ତି ।

# ପୋର୍ଟ ଟ୍ରଷ୍ଟ ସ୍କୁଲର ୧୯୯୫ ବ୍ୟାଚ୍‌ର ବନ୍ଧୁମିଳନ



**ଭୁବନେଶ୍ୱର,୨୬।୧୨(ସମିସ):** ପାରାଦୀପ ପୋର୍ଟ ଟ୍ରଷ୍ଟ ସ୍କୁଲ ୧୯୯୫ ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ଆଇବିଏଲ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସ୍କୁଲ ଜୀବନରେ ବିତାଇଥିବା ବିଭିନ୍ନ ସ୍ମୃତିକୁ ମନେପକାଇଥିଲେ । କାର୍ଯ୍ୟକ୍ରମରେ ସଚ୍ଚିଦାନନ୍ଦ ପଟ୍ଟନାୟକ, ଜିତେନ୍ଦ୍ର ରାୟ, ବିଶ୍ୱଦୀପ ମହାନ୍ତି, ଅନିମା ମିଶ୍ର, ଅର୍ପଣ ଘଣ୍ଟ, ସୂର୍ଯ୍ୟ ରଥ, ତପସ୍ୱିନୀ ମହାନ୍ତି, ସମୀର ରାଜଗୁରୁ, ସମ୍ବିତ ମହାନ୍ତି, ସୁଜାତା ସାହୁ, ସ୍ନିଗ୍ଧା ଦାସ, ଆନନ୍ଦ ମିଶ୍ର, ସୌମ୍ୟ ପରିଜା, ପ୍ରିୟା ସାହୁ, ରେଖା ପ୍ରମୁଖ ସାମିଲ ହୋଇଥିଲେ ।

# ଖାରବେଳ ପାର୍କରେ ମହିଳା ଯୋଗ ଶକ୍ତି ଦିବସ

**ଭୁବନେଶ୍ୱର,୨୬।୧୨(ସମିସ):** ଖଣ୍ଡଗିରିସ୍ଥ ଖାରବେଳ ପାର୍କରେ ସୋମବାର ମହିଳା ଯୋଗ ଶକ୍ତି ଦିବସ ପାଳିତ ହୋଇଯାଇଛି । ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତର ଖଣ୍ଡଗିରି ଯୋଗ ଜିଲ୍ଲା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆଇନାର ପ୍ରତିଷ୍ଠାତା ସମାଜସେବୀ ସ୍ନେହ ମିଶ୍ର ଯୋଗଦେଇଥିବା ବେଳେ ରାମେୟା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁଳା ମିଶ୍ର, ପରମାନନ୍ଦ ପାତ୍ର, ଜିଲ୍ଲା ମନ୍ତ୍ରୀ ନୀଳମଣି ରାଉତ, କ୍ଷେତ୍ର ପ୍ରଧାନ ପ୍ରମୋଦିନୀ ନନ୍ଦ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଇଶାରା ପାତ୍ର ପରିଚାଳନା କରିଥିବା ବେଳେ ଡ. ସୁଷମା ମିଶ୍ର ସଂଯୋଜନା କରିଥିଲେ ।

# ହୀରାପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ବାଲିଅନ୍ତା,୨୬।୧୨(ସମିସ):** ବାଲିଅନ୍ତା ବ୍ଲକ୍ ହୀରାପୁର ଖେଳପଡ଼ିଆରେ ହୀରାପୁର ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚ ଭଗବତୀ ବ୍ଲାଷ୍ଟର ଓ ଫ୍ୟୁଜନ ଇଲେଭେନ୍ ମଧ୍ୟରେ ଖେଳା ଯାଇଥିଲା । ଭଗବତୀ ବ୍ଲାଷ୍ଟର ଟସ ଜିତିଥିଲେ ହେଁ ଫ୍ୟୁଜନ ଇଲେଭେନ୍‌କୁ ବ୍ୟାଟିଂ ପାଇଁ ସୁଯୋଗ ଦେଇଥିଲା । ଫ୍ୟୁଜନ ଇଲେଭେନ ୮ ଓଭର୍‌ରେ ୬ ଉଇକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା । ଜବାବରେ ଭଗବତୀ ବ୍ଲାଷ୍ଟର ୬ ଓଭର୍ ୩ଟି ବଲ ବିନିମୟରେ ନିର୍ଦ୍ଧାରିତ ରନ୍ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଅରବିନ୍ଦ ବାରିକ ଘୋଷିତ ହୋଇଥିଲେ । ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ୍ କାର୍ତ୍ତିକ ମଙ୍ଗରାଜ ଓ ମୁକେଶ କୁମାର ଶ୍ରେଷ୍ଠ ବୋଲର ଘୋଷିତ ହୋଇଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ସମାଜସେବୀ ସତ୍ୟପ୍ରିୟ ବେହେରା, ବିଧୁଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତଥି ଭାବେ ଯୋଗ ଦେଇଥିଲେ ।

# 'ସଲାର୍' କ୍ରେଜ୍

- ସବୁ ସିନେମା ହଲ୍‌ରେ ହାଉସ୍ ଫୁଲ୍
- ଚାରି ଦିନରେ ୨୫୦ କୋଟି ପାର୍

**ଭୁବନେଶ୍ୱର,୨୬।୧୨(ସମିସ):**

ଗୋଟିଏ ପଟେ ପର୍ଯ୍ୟଟନ ଋତୁ । ସବୁ ଭ୍ରମଣ ସ୍ଥାନରେ ନାହିଁ ନଥିବା ଭିଡ଼ । ସ୍କୁଲ ବି ଶୀତ ଅବକାଶ ପାଇଁ ତାଲା । ଆଉ ଏଇ ସମୟରେ ଏକା ସାଙ୍ଗରେ ଦୁଇ ସିନେ ଷ୍ଟାରଙ୍କ ସିନେମା ବଜାରରେ ଧୂମ୍ ମଚେଇଛି । ଗୋଟିଏ ପଟେ ଶାହାରୁଖ ଖାନ୍‌ଙ୍କ 'ଡଙ୍କି' ତ ଆଉ ଗୋଟେ ପଟେ ସୁପରଷ୍ଟାର ପ୍ରଭାସଙ୍କ 'ସଲାର୍' । ସବୁ ସିନେମା ହଲ୍‌ରେ ଫ୍ୟାନମାନଙ୍କ ଦ୍ୱାରା ନୂଆ ନୂଆ ସେଲିବ୍ରେସନ୍ । ବର୍ଷ ସରିବାବେଳକୁ ସିନେମା ବଜାରର ଏଭଳି ଉତ୍ସାହ ଲୋକଙ୍କ ଖୁସି ମନେଇବା ଶୈଳୀକୁ ଭିନ୍ନ କରିଛି । ଚାରିଆଡ଼େ ବାହୁବଳୀ ଷ୍ଟାର୍ ପ୍ରଭାସଙ୍କ 'ସଲାର୍'କୁ ନେଇ କ୍ରେଜ୍ ଜାରି ରହିଛି । ବକ୍ସ ଅଫିସ୍‌କୁ 'ସଲାର୍' କବ୍‌ଜା କରିଛି ବୋଲି କହିବା ଭୁଲ ହେବନି । ଏହି ସିନେମା ଚାରିଆଡ଼େ ରେକର୍ଡ ବ୍ରେକିଂ ବ୍ୟବସାୟ କରିଥିବାର ଦେଖିବାକୁ ମିଳୁଛି । ଦିନକୁଦିନ ଏହାର ଲୋକପ୍ରିୟତା ବଢୁଥିବାର ପରିଲକ୍ଷିତ ହେଉଛି । ପ୍ରଶାନ୍ତ ନୀଲ୍‌ଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ୪ଦିନ ପୂର୍ବରୁ ଅର୍ଥାତ୍ ଡିସେମ୍ବର ୨୨ରେ ୫ଟି ଭାଷାରେ ରିଲିଜ୍ ହୋଇଥିଲା । 'ସଲାର୍'ରେ ପ୍ରଭାସ, ପୃଥ୍ୱୀରାଜଙ୍କ ସମେତ ଶ୍ରୁତି ହାସନ, ଈଶ୍ୱରୀ ରାଓ, ଶ୍ରୀୟା ରେଡ୍ଡୀ, ଟିନୁ ଆନନ୍ଦ ଏବଂ ଗଜପତି ବାବୁ ନଜର ଆସିଛନ୍ତି । ଚାରି ଦିନରେ ଫିଲ୍ମଟି ୨୫୦କୋଟି ବ୍ୟବସାୟ କରିଥିବା ଜଣାପଡ଼ିଛି । ରାଜଧାନୀର ପ୍ରତି ସିନେମା ହଲ୍‌ରେ ହାଉସ୍‌ଫୁଲ୍ ରହୁଛି । ବିଶେଷକରି କେଶରୀ, ସ୍ତୁତି ଏବଂ ସିନେପଲିସ, ଆଇନକ୍ସରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହେଉଛି । ଦର୍ଶକଙ୍କ ଉତ୍ସାହକୁ ଦେଖି ଟିକେଟ ମିଳିବା କଷ୍ଟକର ହୋଇପଡୁଛି । ସନ୍ଧ୍ୟା ସମୟରେ ଅନ୍‌ଲାଇନ୍ ଟିକେଟ୍ ଖୁବ୍‌ଶୀଘ୍ର ବୁକ୍ ହୋଇଯାଉଛି । ହଲ୍‌ଗୁଡ଼ିକରେ ପ୍ରିମିୟମ ଏବଂ ଭିଆଇପି ସିଟ୍ ପ୍ରଥମେ ଫୁଲ୍ ହେଉଥିବା ହଲ କର୍ମଚାରୀ କହିଛନ୍ତି । 'ସଲାର୍'ର ପାର୍ଟ-୨ ଆସିବା ନେଇ ଦର୍ଶକଙ୍କ ମହଲରେ ମଧ ଚର୍ଚ୍ଚା ଧରିଛି । ଖାଇବା ଷ୍ଟଲ ଓ ପାର୍କିଂରେ ଅତ୍ୟଧିକ ଭିଡ଼ ପରିଲକ୍ଷିତ ହେଉଛି । ସିନେମାର କ୍ରେଜ୍ ଥିବାରୁ ଟିକେଟର ଦାମ୍ ମଧ ଉଚ୍ଚ ରହୁଛି ।




## ଦର୍ଶକଙ୍କ ମତାମତ...

▶ ପ୍ରାଇମ୍ ଟାଇମ୍‌ରେ ଟିକେଟ୍ ମିଳିଯିବ ବୋଲି ଭାବିଥିଲି । ହେଲେ ଆମ ଦୁଇ ସାଙ୍ଗଙ୍କର ଅଲଗା ଅଲଗା ସମୟରେ ଟିକେଟ୍ ହେଲା । ଏକାଠି ଆସି ପାରିଲୁ ନାହିଁ । ସିନେମା ଯେତିକି ଭାବିଥିଲୁ ତା' ଠାରୁ ଜବରଦସ୍ତ ହୋଇଛି ।

- ଓମପ୍ରକାଶ ଗୌଡ଼, ପାହାଳ

▶ ଅନ୍‌ଲାଇନ୍‌ରେ ଟିକେଟ ପାଇ ନ ଥିଲୁ । ଅଫ୍‌ଲାଇନ୍‌ରେ ଟିକେଟ ପାଇବୁ ବୋଲି ଭାବି ଆସିଥିଲୁ । ଏଠି ଏତେ ଭିଡ଼ ଯେ ଟିକେଟ କାଉଣ୍ଟର ଯାଏଁ ବି ଯାଇହେଉନି । ପାର୍କିଂରେ ବହୁ ଅସୁବିଧା । ନା ଭିତର ଗାଡ଼ି ବାହାରକୁ ଆସି ପାରୁଛି ନା ବାହାର ଗାଡ଼ି ଭିତରକୁ ଯାଇପାରୁଛି ।

- ସୀମାଞ୍ଚଳ ରଣା, ଚନ୍ଦ୍ରଶେଖରପୁର

▶ ଏତେ ଭିଡ଼ ହେବ ବୋଲି ଆମେ ଭାବି ନଥିଲୁ । ପୂରା ପରିବାର ସହ ଆସିଥିଲୁ । ସିନେମା ବହୁତ ଭଲ ହେଇଛି । ପ୍ରଭାସଙ୍କ ସିନେମାକୁ ସବୁବେଳେ ଅପେକ୍ଷା ଥାଏ ।

- ଅନୀତା ବିଶ୍ୱାଳ, ଭିଏସ୍‌ଏସ୍ ନଗର

▶ 'ସଲାର୍' ସିନେମାରେ ଦମଦାର କାହାଣୀ, ଶିହରଣ ସୃଷ୍ଟି କରୁଥିବା ସଂଳାପ ସାଙ୍ଗକୁ ରୋମାଞ୍ଚକର ଆକ୍ସନ ଦୃଶ୍ୟ ଅଛି । ଚଳଚ୍ଚିତ୍ରରେ ନାୟକ ଓ ଖଳନାୟକ ଭିତରେ ପାର୍ଥକ୍ୟ ଅସ୍ପଷ୍ଟ ଥିବା ମୁଁ ଲକ୍ଷ୍ୟ କଲି । ବିଶେଷ କରି ଯୁବବର୍ଗଙ୍କୁ ଆକୃଷ୍ଟ କଲା ଭଳି ସିନେମା । ୨୦୧୬ରେ ରିଲିଜ୍ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର "ଅଗସ୍ତ୍ୟା"ର କାହାଣୀ ସହ ପ୍ରାୟ ସମାନ ଭଳି ଅନୁଭବ ହେଲା । ମୋଟାମୋଟି ସିନେମାଟି ଭଲ ଲାଗିଲା । ପ୍ରଥମ ପାର୍ଟ ଏମିତି ଶେଷ ହୋଇଛି ଯେ ଦ୍ୱିତୀୟ ପାର୍ଟ ଦେଖିବା ପାଇଁ ମୋ ଉତ୍କଣ୍ଠା ବଢ଼ିଯାଇଛି ।

-ସତ୍ୟବ୍ରତ ପାଣିଗ୍ରାହୀ, ନୟାପଲ୍ଲୀ

▶ ସିନେମା ଭଲ ହେଇଛି । ଆକ୍ସନ୍ ସିନେମା ୟା'କୁ ହିଁ କୁହାଯାଏ । ପ୍ରଭାସଙ୍କ ପାଇଁ ହାତରେ ଟାଟୁ ବନେଇଛି । ସଲାର୍ ପାର୍ଟ-୨କୁ ଅପେକ୍ଷା ।

-ଲୀନା ମହାନ୍ତି, ଛାତ୍ରୀ

# ମିଶନ ଶକ୍ତି କାଫେ ଉଦ୍‌ଘାଟିତ



**ବାଲିପାଟଣା,୨୬।୧୨(ସମିସ):** ବାଲିପାଟଣା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ପକ୍ଷରୁ ଏକ କାଫେକୁ ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଅତିଥିମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ପରିବେଷଣ କରିଥିଲେ ମିଶନ ଶକ୍ତି ସଦସ୍ୟାମାନେ । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବୁଲବୁଲ ବେହେରା, ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ମଲ୍ଲିକ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ନିରୁପମା ପାଣି, ବ୍ଲକ୍ ସଂଯୋଜକ ଦିବ୍ୟରଞ୍ଜନ ମହାପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ଆଲା ସଭାପତି ଶରତ ଚନ୍ଦ୍ର ତ୍ରିପାଠୀ, ବ୍ଲକ ସଂଯୋଜିକା ସ୍ୱର୍ଣ୍ଣଲତା ପଣ୍ଡା, ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାସ, ଏବିଡିଓ ସ୍ମୃତିଶ୍ରୀ ଶତପଥୀ, ମିଶନ ଶକ୍ତି ସଭାନେତ୍ରୀ ପଦ୍ମିନୀ ଦାସ, ସତ୍ୟଭାମା ବେହେରା, ଅମ୍ବିକା ଜେନା, ସରସ୍ୱତୀ ଦାସ, ସବିତା ପ୍ରଧାନ, ଅଞ୍ଜନା ନାଥ, ସମସ୍ତ ବ୍ଲକ୍ କର୍ମଚାରୀ, ସାମ୍ବାଦିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

